
ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 42 | 20 - 26 October 2024 | Sambalpur | Pages- 8 | Invitation Price Rs.10

## ‘ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ’ରେ ସ୍ଥାନ ପାଇଲେ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ

ଭୁବନେଶ୍ୱର: ଓଡ଼ିଶାର ଜଣାଶୁଣା ବାଗ୍ମୀ, ଶ୍ରୀଜଗନ୍ନାଥ ସଂସ୍କୃତି, ଗଙ୍ଗାଧର ସାହିତ୍ୟ ଓ ଭଞ୍ଜ ସାହିତ୍ୟର ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀ ହୋଇଛନ୍ତି । ସେ ସ୍ୱରଚିତ ସଂସ୍କୃତ କାବ୍ୟଗ୍ରନ୍ଥ ‘ସମୁଦ୍ରଶତକମ୍’ରେ ସର୍ବାଧିକ ୫ଟି ଭାଷାର ଲିପି ବ୍ୟବହାର ସହ ସମୁଦ୍ର ବିଷୟରେ ସ୍ୱତନ୍ତ୍ର ଶତକକାବ୍ୟ ରଚନା ପାଇଁ ବିଶିଷ୍ଟ ସଂସ୍କୃତ କବି ତଥା ଭୁବନେଶ୍ୱର ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ଏହି ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ‘ସମୁଦ୍ର’ର ଦୃଶ୍ୟାବଳିରେ ଅନ୍ତର୍ନିହିତ ଥିବା ଗଭୀର-ଦର୍ଶନକୁ ଆଧାର କରି ଡାକ୍ତର ଷଡଙ୍ଗୀ ୨୦୨୦ମସିହାରେ ‘ସମୁଦ୍ରଶତକମ୍’ ରଚନା କରିଥିଲେ । ମୂଳତଃ ସଂସ୍କୃତ ଭାଷାରେ ରଚିତ ୧୦୧ ଶ୍ଲୋକ ସମ୍ବଳିତ ଏହି କାବ୍ୟରେ ଶ୍ଲୋକ ଓ ଅର୍ଥ ଲିଖନରେ ସର୍ବାଧିକ ୫ଟି ଭାଷାର ଲିପି ଯଥାକ୍ରମେ- ସଂସ୍କୃତ, ଓଡିଆ, ହିନ୍ଦୀ, ଇଂରାଜୀ ଓ ରୋମାନ୍ ବ୍ୟବହାର କରିବା ସହ ଏପରି




ଏକ ସ୍ୱତନ୍ତ୍ର କାବ୍ୟ ରଚନାର ବିରଳ କୃତିତ୍ୱ ପାଇଁ ଡାକ୍ତର ଷଡଙ୍ଗୀ ଏହି ରେକର୍ଡ ହାସଲ କରିଛନ୍ତି । ପ୍ରକାଶଯୋଗ୍ୟ ଯେ, ଡାକ୍ତର ଷଡଙ୍ଗୀ ନିରବଚ୍ଛିନ୍ନଭାବେ ଉଭୟ ଓଡିଆଭାଷା ଓ ସଂସ୍କୃତ ଭାଷାରେ ଲେଖନୀ ଚାଳନା କରି ଅଦ୍ୟାବଧି ୧୫ ଖଣ୍ଡ ପୁସ୍ତକର ପ୍ରକାଶନ କରିସାରିଛନ୍ତି ।ଏହା ସହ ସେ ଭୁବନେଶ୍ୱର ଭଞ୍ଜଭାରତୀ ଅନୁଷ୍ଠାନ ମାଧମରେ ବିଗତ ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ପ୍ରାଚୀନ ଓଡିଆ ସାହିତ୍ୟ, ସଂସ୍କୃତ ସାହିତ୍ୟ ଓ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର-ପ୍ରସାର ସହ ଗବେଷଣାରେ ପ୍ରବୃତ୍ତ ଅଛନ୍ତି । ଜଣେ ଉଚ୍ଚକୋଟୀର ବାଗ୍ମୀଭାବରେ ବିଭିନ୍ନ ଗଣମାଧମ ଓ ସଭାସମିତିରେ ଡାକ୍ତର ଷଡଙ୍ଗୀ ଓଡିଶା ଓ ଓଡିଶା ବାହାରେ ବେଶ୍ ଲୋକପ୍ରିୟ ।

ଏହି ରେକର୍ଡର କୃତିତ୍ୱର ଶ୍ରେୟ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ କରିବା ସଙ୍ଗେ ସଙ୍ଗେ ଦିବଂଗତ ପିତାମହ କର୍ମକାଣ୍ଡ ଭାସ୍କର ପଣ୍ଡିତ ରଘୁନାଥ ଷଡଙ୍ଗୀ, ପିତା ପ୍ରବକ୍ତାରତ୍ନ ସ୍ୱର୍ଗତ ପଣ୍ଡିତ ଜୟଦେବ ଷଡଙ୍ଗୀଙ୍କ ସ୍ମୃତିଚାରଣ ପୂର୍ବକ ସମସ୍ତଶୁଭେଚ୍ଛୁମାନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଡାକ୍ତର ଷଡ଼ଙ୍ଗୀଙ୍କ ଏହି ସଫଳତା ପାଇଁ ତାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ଜଣାଇଛନ୍ତି ।


## ଏମ୍‌ସିଏଲ୍ ଡି.ପି.ଙ୍କ କାର୍ଯ୍ୟକାଳ ବୃଦ୍ଧି

ବୁର୍ଲା : ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ ଶ୍ରୀ କେଶବ ରାଓଙ୍କ କାର୍ଯ୍ୟକାଳକୁ କେବିନେଟ୍‌ର ଏପଏଣ୍ଟମେଣ୍ଟ କମିଟି ବୃଦ୍ଧି କରିଛନ୍ତି ।



ସେ ଆସନ୍ତା ଡିସେମ୍ବର ୧୮ ତାରିଖରୁ ଜୁନ୍ ୨୦୨୬ ମସିହା ପର୍ଯ୍ୟନ୍ତ ତାଙ୍କ ଅବସର ନେବାପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ । ଗତ ୨୦୧୯ ମସିହାରେ ଏମ୍.ସି.ଏଲ୍‌ରେ କାର୍ମିକ ନିର୍ଦ୍ଦେଶକ ରୂପେ ଯୋଗ ଦେଇଥିବା ଶ୍ରୀ ରାଓଙ୍କ କାର୍ଯ୍ୟକାଳ ଏଠାରେ ଆସନ୍ତା ଡିସେମ୍ବର ମାସରେ ପୁରି ଯାଉଥିଲା । ତେବେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ କୋଇଲା ମନ୍ତ୍ରଣାଳୟ ସୁପାରିଶ କରିଥିବାରୁ କ୍ୟାବିନେଟ୍‌ର ଏପଏଣ୍ଟମେଣ୍ଟ କମିଟି ତାକୁ ସ୍ୱୀକୃତି ଦେଇଛନ୍ତି ।

## ବିକାନିର୍‌ରେ ୬୧ ତମ ସର୍ବଭାରତୀୟ ରାଜନୀତି ବିଜ୍ଞାନ ସମ୍ମିଳନୀ










ବିକାନିର୍: ରାଜସ୍ଥାନ ବିକାନିର୍‌ର ମହାରାଜା ଗଙ୍ଗା ସିଂ ବିଶ୍ୱବିଦ୍ୟାଳୟରେ ୬୧ ତମ ସର୍ବ ଭାରତୀୟ ରାଜନୈତିକ ବିଜ୍ଞାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଇଣ୍ଡିଆନ ପଲଟିକାଲ୍ ସାଇନ୍ସ ଏସୋସିଏସନ୍ ପକ୍ଷରୁ ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାରା ଦେଶରୁ ପ୍ରାୟ ୧୨୦୦ ପ୍ରତିନିଧି ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ‘ବିକଶିତ ଭାରତ -୨୦୪୭’ ଶୀର୍ଷକ ଆନ୍ତର୍ଜାତିକ ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଭିତ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ ।

ଏହାଛଡ଼ା ପ୍ରଫେସର ଯୁଗଳ କିଶୋର ମିଶ୍ରଙ୍କୁ ‘ଇପ୍‌ସା ଜୀବନବ୍ୟାପୀ ସାଧନା ସମ୍ମାନ ୨୦୨୪’ ପ୍ରଦାନ କରାଯାଇଥିଲା ।

## ରଜତ କୁଜୁରଙ୍କୁ ବାଧ୍ୟତାମୂଳକ ଅବସର

ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ରଜତ କୁଜୁରଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଏଭଳି କାର୍ଯ୍ୟାନୁଷ୍ଠାନ ବିଶ୍ୱବିଦ୍ୟାଳୟର ଇତିହାସରେ ପ୍ରଥମ ଘଟଣା ବୋଲି ଜଣାଯାଇଛି । ଏ ସମ୍ପର୍କରେ ବିଶ୍ୱ-ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିବା ସହ ଡକ୍ଟର କୁଜୁରଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱମୁକ୍ତ କରିଛନ୍ତି । ପୂର୍ବରୁ ଡକ୍ଟର କୁଜୁରଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ହେବା ପରେ ବିଶ୍ୱବିଦ୍ୟାଳୟର ପକ୍ଷରୁ ତଦନ୍ତ କରାଯାଇଥିଲା ।

## ସାତକୋଶିଆକୁ ୧୨ ଟି ପାଟ୍ରୋଲିଂ ଗାଡି ପ୍ରଦାନ କଲା ଏମ୍‌ସିଏଲ୍

ବୁର୍ଲା : ବନ୍ୟଜନ୍ତୁ ସଂରକ୍ଷଣକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣକୁ ୧୨ଟି ପେଟ୍ରୋଲିଂ ଗାଡ଼ି ଦେଇଛି । ଏମ୍‌ସିଏଲର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଅନୁଗୁଳ ଜିଲ୍ଲା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣକୁ ୧୨ଟି ପାଟ୍ରୋଲିଂ ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତ । ସିଏସଆର ପଦକ୍ଷେପ ଅଧୀନରେ ଏମ୍‌ସିଏଲ ସଂରକ୍ଷିତ ଅଭୟାରଣ୍ୟ ମଧରେ ଥିବା ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ତଦାରଖକୁ ବଢ଼ାଇବା ପାଇଁ ଏହି ଯାନଗୁଡିକ ପାଇଁ ୩.୧୨ କୋଟି ଟଙ୍କା ବିନିଯୋଗ କରିଛି । ବନ୍ୟଜନ୍ତୁଙ୍କ ପାଇଁ ଅଧିକ ସୁରକ୍ଷିତ ବାତାବରଣ ସୃଷ୍ଟି ହେବା ସହ ଅଭୟାରଣ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ଅନୁଭୂତି ମଧ ସମୃଦ୍ଧ ହେବ । ଭରତପୁର ଜଙ୍ଗଲ ସଫାରୀଠାରେ ଆୟୋଜିତ ଉତ୍ସବରେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ବୈଷୟିକ/ପ୍ରକଳ୍ପ ଓ ଯୋଜନା) ଏଏସ୍ ବାପତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ (ନୋଡାଲ୍) ସୁଶାନ୍ତ ନନ୍ଦ, ସାତକୋଶିଆର କ୍ଷେତ୍ର ନିର୍ଦ୍ଦେଶକ ସୁଧାଂଶୁ ଖୋରାଙ୍କ ସମେତ ଓଡ଼ିଶା ସରକାରଙ୍କ ବନ ବିଭାଗର ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।








## ଏ ସଂଖ୍ୟାରେ..


ଔଷଧରେ ଭରପୁର ଜାମୁକୋଳି


ମହୌଷଧ ମିଶ୍ରି


ହିତକାରୀ ଆମ୍ବପତ୍ର


ଜୀବନ ରକ୍ଷା କରିବ ପାଳଙ୍ଗ


ଲାଭକାରୀ ଅଳେଇଚ


ଲିଚୁର ଉପକାରିତା

# ନେତାଜୀ ଯୁବକ ସଂଘ ଓ ସଂକଳ୍ପ ପରିବାର ପକ୍ଷରୁ ରକ୍ତଦାନ ଶିବିର

ବରଗଡ: ବରଗଡ଼ ଉପକଣ୍ଠ ଡାଙ୍ଗ ଗ୍ରାମରେ ୨୬ ତମ ଗଜଲକ୍ଷ୍ମୀ ପୂଜା ଅବସରରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ପରେ ନେତାଜୀ ଯୁବକ ସଂଘ ଓ ସଂକଳ୍ପ ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବରେଣ୍ୟ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସାଧୁ ନେପାକ, ଡି. ନାଗେଶ୍ୱର ରାଓ ପ୍ରମୁଖ ଯୋଗଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ୧୬ଜଣ ମହିଳା ରକ୍ତଦାତାଙ୍କ ସମେତ ମୋଟ ୫୧ ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା । ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି ରମେଶଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷ ଷଡ଼ଙ୍ଗୀ, ସିମରନ ପଧାନ, ରୁବିରାଣୀ ପାଢ଼ୀ, ବାସ୍କୃତି ବଞ୍ଚର, ସୁରେନ ଶଙ୍କର ଠେଲା, କରୁଣା ଭୋଇ, ମନୋଜ କୁମାର ମାଝୀ, ନିର୍ମଳ ଠେଲା, ଟିଙ୍କୁ ରାଉତ, ଆଶିଷ ପାଣିଗ୍ରାହୀ, ଆୟୁଷ



ଭୁଏ, ଦେବେନ ଭୁଏ ,ଆକାଶ ପାଣ୍ଡେ ଚନ୍ଦନ ପଧାନଙ୍କ ସହିତ ନେତାଜୀ ଯୁବକ ସଂଘର ସାହିଲ ଥପାଙ୍କ ସଭାପତିତ୍ୱରେ ପାଣିଗ୍ରାହୀ, ସୁଜିତ ପାଣିଗ୍ରାହୀ, ହୃଷୀକେଶ ବରର୍ତ୍ତି, ରାଜୁ ବରର୍ତ୍ତି, ପଞ୍ଚମ ଠେଲା ପ୍ରମୁଖ ଶିବିରକୁ ସଫଳ କରିଥିଲେ ।

ସେହିପରି ବରଗଡ଼ ବ୍ଲକର ଖଣ୍ଡହତା ଗାଁର ଆନ୍ଧ୍ର କ୍ୟାମ୍ପ ଛକରେ ଶ୍ରୀରାମ ବଣିକ ସଂଘ ଏବଂ ନିଷ୍ଠା ପରବାର ତରଫରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ମୋଟ୍ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ମୁରଲିକ୍ରିଷ୍ଣା ଫାଉଣ୍ଡେସନର ମୁଖ୍ୟ ଡି. ମୁରଲିକ୍ରିଷ୍ଣା ଶିବିର ଉଦ୍‌ଘାଟନ କରିଥିବା ବେଳେ ଡି. ନାଗେଶ୍ୱର ରାଓ, ପୁରଣ ଶର୍ମା, ସରୋଜ ମହାପାତ୍ର ଏବଂ ସୁଶାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରିଥିବା ପାଇଁ ଶ୍ରୀରାମ ବଣିକ ସଂଘ ସଭାପତି ଜି. ବାସୁଦେବ ରାଓ ଏବଂ ସମ୍ପାଦକ ରିଙ୍କୁ ସେନ୍ କରଙ୍କୁ ସମ୍ମାନିତ କରାଯାଇଥିଲା ।

# ଚାରୋଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଲା ଜାତୀୟ ଗୁଣବତ୍ତା ନିଶ୍ଚିତତା ସମ୍ମାନ

ସମ୍ବଲପୁର : ସମ୍ବଲପୁର ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ୪ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ସମ୍ମାନ ମିଳିଛି । ଏହି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ହେଲା କୁଚିଣ୍ଡା ବ୍ଲକର ମାଝିପଡା, ପରୁଆଭାଡି, ଜମନକିରା ବ୍ଲକର ଯାମୁମାଲ ଓ ନାକଟିଦେଉଳ ବ୍ଲକର ନାକଟିଦେଳ । ଏହି ଅନୁଷ୍ଠାନ ଗୁଡିକ ରାଜ୍ୟ ସ୍ତରକୁ ଉର୍ତ୍ତିର୍ଣ୍ଣ ହେଲା ପରେ ଜାତୀୟ ସ୍ତରକୁ ଆବେଦନ କରିଥିଲେ । ଗତ ମାସ ଜାତୀୟ ସ୍ତରର ପର୍ଯ୍ୟବେକ୍ଷକ ଆସି ସ୍ୱାସ୍ଥ୍ୟ କେନ୍ଦ୍ରର ୭ଟି ସେବା କାର୍ଯ୍ୟକୁ ମୂଲ୍ୟାଙ୍କନ କରି ପ୍ରଶଂସା କରିଥିଲେ । ସୂଚନା ଥାଉ ପଛୁଆ ଓ ଗ୍ରାମାଞ୍ଚଳ ରେ ରହି ଉତ୍ତମ ସେବା ପ୍ରଦାନ କରିଥିବାରୁ ଏହି ପୁରସ୍କାର ଦିଆ ଯାଇଅଛି ।

# ରାଜମାତା ଗୁଣବନ୍ତୀଙ୍କ ଉଦ୍ଦେଶ୍ୟରେ ଶୋକ ସଭା

ଝାରସୁଗୁଡ଼ା : କୋଲାବିରା ଗଡ଼ର ରାଜମାତା ଗୁଣବନ୍ତୀ କୁମାରୀ ଦେଈଙ୍କ ବିୟୋଗରେ ସ୍ଥାନୀୟ ତେଲେଙ୍ଗା ପଡ଼ାଠାରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା, ସମ୍ମିଳିତ ଆଦିବାସୀ ସମାଜ ଓ ଆଦିବାସୀ ଶକ୍ତି ପିଠ ସେବା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ୧୯୬୭ ରୁ ୧୯୭୧ ମସିହା ପର୍ଯ୍ୟନ୍ତ କୋଲାବିରା ଗଡ଼ର ଜମିଦାର ଲାଲ ରାଜେନ୍ଦ୍ର ସିଂହ ଲଇକେରା ବିଧାନସଭା ମଣ୍ଡଳୀର ବିଧାୟକ ଥିବା ସମୟରେ ସ୍ୱାମୀଙ୍କ ସହ ରହି ଗୁଣବନ୍ତୀ ଲୋକଙ୍କ ସମସ୍ୟା ସମାଧାନ ସହ ସେବା କାର୍ଯ୍ୟ କରୁଥିଲେ । ୨୦୦୨ ମସିହାରୁ ପାଞ୍ଚ ବର୍ଷ କୋଲାବିରା ବ୍ଲକର ସମିତି ସଭ୍ୟା ଥିଲେ । ଏହି ଶୋକ ସଭାରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲ୍ଲା ସଭାପତି ଡମ୍ବରୁଧର ନାଏକ, ସମ୍ବଲପୁର ଜିଲ୍ଲା ଗୋଁଣ୍ଡ ମହାସଭାର



ମହାସଚିବ ମନୋଜ ନାଏକ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ଭୋଇ, କୃଷ୍ଣ ଚନ୍ଦ୍ର ଭୋଇ, ଟ୍ରଷ୍ଟ ସଭାପତି ରୁଦ୍ର ପ୍ରତାପ ସିଂହ, ସମ୍ପାଦକ ରାଜେଶ କୁମାର ନେଟୀ, ସମ୍ମିଳିତ ଆଦିବାସୀ ସମାଜ ମହାସଚିବ ଅଶୋକ ମାଝୀ, ଉପସଭାପତି ପ୍ରେମସାଗର ଧୁରୁଆ, ସମାଜସେବୀ ରତ୍ନାକର ପ୍ରଧାନ, ଅର୍ଜୁନ କିଷାନ, ପ୍ରଭାକର ଓରାମ୍, ଗଙ୍ଗାଧର ଭୋଇ, ତ୍ରିଲୋଚନ ତନସନା, ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟର ସମ୍ପାଦକ ଧର୍ମେନ୍ଦ୍ର କିଷାନ ପ୍ରମୁଖଙ୍କ ସହ ଶତାଧିକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# କୃଷି ଯାନ୍ତ୍ରୀକରଣ ମେଳା,କୃଷକ ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ସମ୍ବଲପୁର: ଜିଲ୍ଲାରେ ହେବାକୁଥିବା କୃଷି ଯାନ୍ତ୍ରୀକରଣ ମେଳା ,କୃଷକ ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମନ୍ୱିତ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଜିଲ୍ଲାସ୍ତରୀୟ ଓ ଉପଖଣ୍ଡ ସ୍ତରୀୟ କମିଟି ଗଠନ, ମେଳାର ତାରିଖ ଓ ସ୍ଥାନ, ପାଣି ଯୋଗାଣ ଉପରେ ଆଲୋଚନା ହୋଇଥିଲା ଏବଂ ଏହା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲ୍ଲାସ୍ତରୀୟ ଯାଞ୍ଚ ଓ ଓଡ଼ିଶାର ଶ୍ରୀ ଅନ୍ନ ଓ କୃଷି ଐତିହ୍ୟ ପାଳନ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ କୁଚିଣ୍ଡାରେ ନଭେମ୍ବର ୨୯, ୩୦ ଓ ଡିସେମ୍ବର ୧ ତାରିଖରେ, ରେଢାଖୋଲ ଉପଖଣ୍ଡରେ ଡିସେମ୍ବର ୪, ୫ ଓ ୬ ତାରିଖରେ , ସମ୍ବଲପୁର ରେ ଡିସେମ୍ବର ୧୮ ରୁ ୨୨ ତାରିଖ ରେ କୃଷି ଯାନ୍ତ୍ରିକୀକରଣ ମେଳା ,କୃଷି ମେଳା , ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ଏକ ସମନ୍ୱିତ ଭାବେ ଅନୁଷ୍ଠିତ ହେବ । ଏହି ବୈଠକରେ ସିଡିଏଓ-କମ-ଇଓ, ସମ୍ବଲପୁର ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଶ୍ରୀ ହେମନ୍ତ ଜେନା, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା, ଅଧିକାରୀ ପର୍ଶୁରାମ ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ, ତୁଷାର ରଞ୍ଜନ ଦିପ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କୃଷି ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦମ୍ଭଯୁକ୍ତ ଘୋର ତପ ଶାସ୍ତ୍ର ବିରୁଦ୍ଧ

ମନୁଷ୍ୟର ଅନ୍ତଃକରଣରେ ଯେଉଁ ପ୍ରକାର ଗୁଣ ଥାଏ, ସେହି ପ୍ରକାର ଶ୍ରଦ୍ଧା ଜନ୍ମନିଏ ଏବଂ ଶ୍ରଦ୍ଧା ଯେପରି ହୋଇଥାଏ, ଆମର ସାଧନାର ଦିଶା ମଧ ସେପରି ହୋଇଯାଏ । ଭଗବାନ କହିଛନ୍ତି, ଯେଉଁମାନଙ୍କ ଭିତରେ ସତ୍ତ୍ୱଗୁଣର ପ୍ରଧାନତା ଥାଏ । ଏପରି ମନୁଷ୍ୟମାନେ ଈଶ୍ୱରୀୟ ଶକ୍ତିଗୁଡ଼ିକ ପ୍ରତି ନିଜର ଶ୍ରଦ୍ଧାକୁ କେନ୍ଦ୍ରିତ କରିଥାନ୍ତି; କାରଣ ସାଧନା ଏକ ପ୍ରକାରେ ସମାନ ଭାବ ବିଶିଷ୍ଟ ଶକ୍ତିଗୁଡ଼ିକର ପରସ୍ପର ପ୍ରତି ଆକର୍ଷଣ ଅଟେ । ସେଥିପାଇଁ ଶ୍ରୀଭଗବାନ କହିଛନ୍ତି– 'ଯଜନ୍ତେ ସାତ୍ତ୍ୱିକା ଦେବାନ୍', ଅର୍ଥାତ୍ ସାତ୍ତ୍ୱିକ ବିଚାରଧାରା, ସାତ୍ତ୍ୱିକ ଅନ୍ତଃକରଣ, ସତ୍ତ୍ୱଗୁଣୀ ଶ୍ରଦ୍ଧା ଯୁକ୍ତ ବ୍ୟକ୍ତି ଦେବତାମାନଙ୍କର ପୂଜନ କରନ୍ତି ଏବଂ ଦେବଶକ୍ତିଗଣ ବି ଏଭଳି ଭକ୍ତମାନଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି ।

ଯେଉଁମାନଙ୍କ କାମନା ସାଂସାରିକ ହୋଇଥାଏ, ଅର୍ଥାତ୍ ଘରଦ୍ୱାର, ଜମିବାଡ଼ି, ଧନ-ସମ୍ପତ୍ତି ପ୍ରତି ସେମାନେ ଆକର୍ଷିତ ହୁଅନ୍ତି, ଏପରି ବ୍ୟକ୍ତିତ୍ୱଧାରୀ ଲୋକେ ନିଜର କାମନା ପୂରଣ ହେତୁ ଯକ୍ଷ ଓ ରାକ୍ଷସମାନଙ୍କର ପୂଜନ କରନ୍ତି । ଯକ୍ଷମାନଙ୍କ ମଧରେ କୁବେରଙ୍କ ନାମ ପ୍ରସିଦ୍ଧ । ସେ ସୁବର୍ଣ୍ଣ ନଗରୀ ଲଙ୍କାର ନିର୍ମାଣ କରିଥିଲେ । ଏଥିରୁ ସ୍ପଷ୍ଟ ଯେ ସେପରି କାମନା କରୁଥିବା ଲୋକେ, ଯେଉଁମାନଙ୍କ ହୃଦୟରେ ସାଂସାରିକ ସଫଳତାର ଆକାଂକ୍ଷା ଥାଏ, ସେମାନେ ଯକ୍ଷ ଓ ରାକ୍ଷସଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି ଏବଂ ସେମାନଙ୍କର ପୂଜା-ଅର୍ଚ୍ଚନା କରନ୍ତି । ଯେଉଁ ବ୍ୟକ୍ତିର ଶ୍ରଦ୍ଧା ଯେପରି ହୋଇଥାଏ, ଯେଉଁ ପ୍ରକାର ଭାବନାରେ ତା'ର ଅନ୍ତଃକରଣ ସିକ୍ତ ହୋଇଥାଏ, ସେ ସେହି ପ୍ରକାର ଶକ୍ତିମାନଙ୍କର ପୂଜା-ଉପାସନା କରିଥାଏ ।

ଏମିତି ସବୁ ବ୍ୟକ୍ତିତ୍ୱ ଅଛନ୍ତି, ଯେଉଁମାନେ ଶାସ୍ତ୍ରୀୟ ବିଧି, ସଂସ୍କାରବାନ୍ ବିସ୍ ରହିତ ହୋଇଥାନ୍ତି, କିନ୍ତୁ ତଥାପି ଘୋର ତପରେ ନିରତ ରହନ୍ତି ; କାରଣ ସେମାନଙ୍କ ଅଭିରୁଚି ଶକ୍ତି ସଂଗ୍ରହ ହୋଇଥାଏ । ସେମାନେ ସ୍ୱୟଂ ଈଶ୍ୱରୀୟ ବ୍ୟବସ୍ଥାକୁ ମାନନ୍ତି ନାହିଁ ଏବଂ ଯଦି ଅନ୍ୟ କେହି ତାହାର ପାଳନ କରିବାକୁ ଚାହେଁ ତ ତାକୁ ସେମାନେ ତାହା କରିବାକୁ ଦିଅନ୍ତି ନାହିଁ ।

ପୌରାଣିକ ଆଖ୍ୟାନଗୁଡ଼ିକରେ ଏହାର ଗୋଟିଏ ନୁହେଁ, ସହସ୍ର ଉଦାହରଣ ବର୍ଣ୍ଣିତ ହୋଇଛି । ରାବଣ, ମହିଷାସୁର, ଶୁମ୍ଭ, ନିଶୁମ୍ଭ, ହିରଣ୍ୟାକ୍ଷ, ହିରଣ୍ୟକଶିପୁ ଠାରୁ ନେଇ ଭସ୍ମାସୁର ପର୍ଯ୍ୟନ୍ତ ସମସ୍ତେ ଶକ୍ତି ଅର୍ଜନ ପାଇଁ ତପକୁ ହିଁ ମାଧମ କରିଥିଲେ । ରାବଣ ଶକ୍ତି ସଂଗ୍ରହ କରିନେବା ପରେ ସ୍ୱୟଂ ତ୍ରିଲୋକର ସ୍ୱାମୀ ହୋଇ ବସିଗଲା, ତାପରେ ସେ ଦୈବୀ ବ୍ୟବସ୍ଥାକୁ ମାନିବା ପାଇଁ ମନା କରିଦେଲା । ସେ ନିଜେ ମାନିଲା ନାହିଁ କି ତା' ରାଜ୍ୟର ଅନ୍ୟ କାହାରିକୁ ଭଗବାନଙ୍କ ନାମ ନେବା ଓ ତଦନୁରୂପ ନୀତିନିୟମ ପାଳନ କରିବାକୁ ଦେଲା ନାହିଁ । ସେଥିପାଇଁ ସେ ବିଭୀଷଣ, ମନ୍ଦୋଦରୀଙ୍କୁ ଅପଶବ୍ଦ କହିଲା । ତା' ଭାଇ ବିଭୀଷଣଙ୍କୁ ତ ସେ ଗୋଇଠା ମାରି ରାଜ୍ୟରୁ ନିଷ୍କାସନ କରିଦେଲା ।

ଏହିପରି ହିରଣ୍ୟକଶିପୁର କୁତ୍ସିତ ବୁଦ୍ଧି କାରଣରୁ ତା' ନିଜର ପୁତ୍ର ପ୍ରହ୍ଲାଦ ତାକୁ ନ ମାନି ଭଗବାନଙ୍କୁ ମାନୁଥିଲେ । ସେଥିପାଇଁ ଶ୍ରୀଭଗବାନ କହିଛନ୍ତି ଯେ ଏପରି ବ୍ୟକ୍ତିମାନେ ଘୋର ତପ ତ କରନ୍ତି– 'ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ', କିନ୍ତୁ ତପ ଶାସ୍ତ୍ରବିହିତ ନ ହୋଇ ଶାସ୍ତ୍ର ବିରୁଦ୍ଧ ହୋଇଥାଏ– 'ଅଶାସ୍ତ୍ରବିହିତଂ' ; କାରଣ ସେମାନଙ୍କ ଭାବ ତାମସିକ ହୋଇଥାଏ ଏବଂ ଉଦ୍ଦେଶ୍ୟ କେବଳ ଶକ୍ତି ଅର୍ଜନ କରିବା ଓ ସେହି ଶକ୍ତିର ଉପଯୋଗ ଅହଂକାର ପ୍ରଦର୍ଶନ ପାଇଁ କରିବା ହୋଇଥାଏ । ନିଶ୍ଚିତ ରୂପେ ଯିଏ ଘୋର ତପ କରିବ, ସେ ଦୁଇଟି କାରଣରୁ ହିଁ ଏପରି କରିବ- ଏକରେ ନିଜ ଅହଂକାରର ବିସର୍ଜନ ପାଇଁ, ଯାହାକି ସମର୍ପଣ, ବିସର୍ଜନ, ବିଲୟର ପଥ ହୋଇଥାଏ ଅଥବା ଦ୍ୱିତୀୟରେ ନିଜର ଦମ୍ଭ, ଅହଂକାର ବୃଦ୍ଧି ପାଇଁ, ଯାହାକି ଦମ୍ଭ, ଅହଂକାର ପୂର୍ଣ୍ଣ ହେବା ଯୋଗୁଁ ଜିଦି ବା ହଠର ପଥ ହୋଇଥାଏ । ଯେପରି କିଛି ପିଲା ଜିଦିଆ, ହଠ ସ୍ୱଭାବର ହୋଇଥିବା ଯୋଗୁଁ ନିଜର ଇଚ୍ଛା ପୂରଣ କରାଇ ନିଅନ୍ତି, କିନ୍ତୁ କିଛି ପିଲା ଏତେ ଅବୋଧ, ସରଳ ଓ ନିଷ୍କପଟ ହୋଇଥାନ୍ତି ଯେ ମାତାପିତା ସ୍ୱୟଂ ସେମାନଙ୍କ ଇଚ୍ଛା ପୂରଣ ସକାଶେ ଲାଳାୟିତ ହୋଇଥାନ୍ତି ।

ଆସୁରୀ ନିଷ୍ଠା ସମ୍ପନ୍ନ ବ୍ୟକ୍ତି– 'ଆସୁର ନିଶ୍ଚୟାନ୍', ଦମ୍ଭ ଓ ଅହଂକାର ଯୁକ୍ତ ହୋଇଥାଏ– 'ଦମ୍ଭାହଙ୍କାରସଂଯୁକ୍ତା' । ସେମାନଙ୍କ ସକାଶେ ତପସ୍ୟା ବି ଅହଂକାର ପ୍ରଦର୍ଶନର ମାଧମ ହୋଇଯାଏ ।

ଅନ୍ୟ କେହି ଗୋଟିଏ ବ୍ରତ ପାଳିଲେ ସେମାନେ ତିନିଟି ବ୍ରତ ପାଳି ନିଜର ଶ୍ରେଷ୍ଠତା ସିଦ୍ଧ କରିବାକୁ ଚାହାନ୍ତି । କେହି ଗୋଟିଏ ଚାନ୍ଦ୍ରାୟଣ ବ୍ରତ ରଖିଲେ ସେମାନେ ଚାରିଟି ଚାନ୍ଦ୍ରାୟଣ ବ୍ରତ ରଖି ନିଜର ଶ୍ରେଷ୍ଠତା ସିଦ୍ଧ କରିବାକୁ ଚାହାନ୍ତି ; କାରଣ ସେମାନଙ୍କ ତପସ୍ୟାର ଉଦ୍ଦେଶ୍ୟ ଦୁରାଗ୍ରହ ହୋଇଥାଏ, ଯାହାକୁ ଶ୍ରୀଭଗବାନ କାମ ଓ ରାଗର ବଳରୁ ଜନ୍ମ ନେଇଥିବା ମାନନ୍ତି ଏବଂ କହିଛନ୍ତି – 'କାମରାଗବଳାନ୍ୱିତ' ।

ଯାହା ବି ସେମାନେ କରନ୍ତି, ତାହା ପଛର ଉଦ୍ଦେଶ୍ୟ ରାଗ ଓ କାମର ଆପୂର୍ତ୍ତି ହୋଇଥାଏ, ସେଥିପାଇଁ ସେମାନଙ୍କ ତପସ୍ୟାର ଉଗ୍ରତା ଭାବନାର ଶ୍ରେଷ୍ଠତା ନୁହେଁ, ବରଂ ଶରୀରକୁ କ୍ଷୀଣ କରିବା ହୋଇଥାଏ । ଶ୍ରୀଭଗବାନ କହିଛନ୍ତି– କର୍ଶୟନ୍ତଃ ଶରୀରସ୍ଥ୍ୟ ଭୂତଗ୍ରାମମ୍ ଅର୍ଥାତ୍ ସେମାନେ ଶରୀରରେ ସ୍ଥିତ ପଞ୍ଚଭୂତକୁ କ୍ଷୀଣ କରନ୍ତି, ସେଗୁଡ଼ିକୁ ପୋଷିତ କରନ୍ତି ନାହିଁ, ବରଂ କ୍ଷୀଣ କରନ୍ତି, ଶୁଖାନ୍ତି, କଷ୍ଟ ଦିଅନ୍ତି ଏବଂ ଏହାକୁ ତପ ମାନନ୍ତି । ବହୁତ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକରେ ରହିବା, କଣ୍ଟାରେ ଶୋଇବା, ଗୋଟିଏ ହାତ ଉପରକୁ ଟେକି ରଖିବା, ଗୋଟିଏ ଗୋଡ଼ରେ ଠିଆ ହୋଇ ରହିବା, ଯେକୌଣସି ପ୍ରକାରେ ମନ ଓ ଇନ୍ଦ୍ରିୟଗୁଡ଼ିକୁ କଷ୍ଟ ଦେବା, ସେଗୁଡ଼ିକୁ କ୍ଷୀଣ କରିବା ଆଦି ସେମାନଙ୍କର ଉଦ୍ଦେଶ୍ୟ ହୋଇଥାଏ । ଏପରି ବ୍ୟକ୍ତିମାନଙ୍କୁ ଶ୍ରୀଭଗବାନ ଆସୁରୀ ନିଷ୍ଠା ସମ୍ପନ୍ନ ବ୍ୟକ୍ତିତ୍ୱ ମାନନ୍ତି ଏବଂ ସେମାନଙ୍କ ତପସ୍ୟାକୁ ଶାସ୍ତ୍ର ବିରୁଦ୍ଧ ସାବ୍ୟସ୍ତ କରନ୍ତି ।

# ରାମାୟଣ କଥା : ଶିବଧନୁ ଭଙ୍ଗ ଓ ରାମ ପର୍ଶୁରାମ ଭେଟ



ଡ଼ଃ ପ୍ରମୋଦ କୁମାର ପଣ୍ଡା

ଦେବଶିଳ୍ପୀ ବିଶ୍ୱକର୍ମା ଦୁଇଟି ଶ୍ରେଷ୍ଠ ଓ ଅତ୍ୟନ୍ତ ଶକ୍ତିଶାଳୀ ଦିବ୍ୟ ଧନୁ , ସାରଙ୍ଗ ଏବଂ ପିନାକ, ନିଜସ୍ୱ ହସ୍ତରେ ନିର୍ମାଣ କରିଥିଲେ । ସାରଙ୍ଗ ଭଗବାନ ବିଷ୍ଣୁ ଏବଂ ପିନାକ ଭଗବାନ ଶିବଙ୍କର । ଦେବଗଣ ଥରେ ପଙ୍‌ପିତା ବ୍ରହ୍ମାଙ୍କୁ ପଚାରିଲେ ଭଗବାନ ବିଷ୍ଣୁ ଓ ଭଗବାନ ଶଙ୍କରଙ୍କ ମଧରେ ଶ୍ରେଷ୍ଠ କିଏ ? କିଏ ଅଧିକ ପରାକ୍ରମୀ ଓ ବଳଶାଳୀ ? ଧନୁର୍ବିଦ୍ୟାରେ କିଏ ଧୁରନ୍ଧର ? ଦେବତାଙ୍କ ଜିଜ୍ଞାସା ପୂର୍ଣ୍ଣ ପାଇଁ ବ୍ରହ୍ମଦେବ ଶ୍ରୀହରି ବିଷ୍ଣୁ ଓ ମହାଦେବଙ୍କ ମଧରେ ବିରୋଧ ସୃଷ୍ଟି କଲେ । ପରିସ୍ଥିତି ଇମିତି ହେଲା ଯେ ଉଭୟଙ୍କ ମଧରେ ଘନଘୋର ଯୁଦ୍ଧ ହେଲା । ତୀବ୍ର ସମର ଦେଖି ଦେବଗଣ ପ୍ରମାଦ ଗଣିଲେ । ପରିଶେଷରେ ଯୁଦ୍ଧରୁ ବିରତ ହେବା ପାଇଁ ସମସ୍ତ ଦେବଗଣ ଯୋଡହସ୍ତରେ ଯାଚନା କଲେ । ଯୁଦ୍ଧରେ ବିରାମ ପଡିଲା । ଦେବାଧିଦେବ ମହାଦେବ ଯେଉଁ ପିନାକ ଧନୁ ସାହାଯ୍ୟରେ ତ୍ରିପୁରାସୁର ବଧ ଓ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱସ୍ତ ବିଧ୍ୱସ୍ତ କରିଥିଲେ, ସେହି ଶକ୍ତିଶାଳୀ ଧନୁକୁ ଭଗବାନ ବିଷ୍ଣୁ ନିଜ ପରାକ୍ରମ ବଳରେ ଶୀଥିଳ କରି ଦେଇଥିଲେ । ତେଣୁ କ୍ରୋଧିତ ଶଙ୍କର ତାଙ୍କ ନିଜ ଧନୁ ପିନାକ ନିମିଙ୍କ ଜ୍ୟେଷ୍ଠ ପୁତ୍ର ରାଜ ଋଷି ଦେବରାତଙ୍କୁ ଅମାନତ ସ୍ୱରୂପ ଅର୍ପଣ କରିଥିଲେ । ତତ୍‌ପରଠୁ ଜନକ ବଂଶୀ ରାଜାମାନେ ଶିବଧନୁ ପିନାକର ସଶ୍ରଦ୍ଧ ପୂଜନ କରିଆସୁଛନ୍ତି ।

ଯଜ୍ଞ ଆୟୋଜନ ପାଇଁ ମହାରାଜ ଜନକ ଥରେ ଜମିରେ ହଳ କରୁଥାନ୍ତି । ହଳର ଅଗ୍ରଭାଗରେ ଜୋତା ହୋଇଥିବା ଭୂମିରୁ ଏକ କନ୍ୟା ଉତ୍ପନ୍ନ ହେଲା । ରାଜା ଜନକ ଶ୍ରଦ୍ଧାରେ ତାର ନାମକରଣ କଲେ ସୀତା । ମିଥିଳାରେ ପୂଜାପାଉଥିବା ପ୍ରବଳ ଓ ଦୃଢ଼ ଶିବ ଧନୁରେ ଯେଉଁ ବୀର ପ୍ରତ୍ୟଞ୍ଚା ଚଢେଇପାରିବ ତା ସହିତ ନିଜ ପୁତ୍ରୀ ସୀତାର ବିବାହ କରିବାକୁ ରଜା ଜନକ ପ୍ରତିଜ୍ଞା କଲେ । ରାବଣ ସମେତ ପୃଥିବୀର ଅନେକ ପରାକ୍ରମୀ ରଜା ମହାରାଜ ଜନକଙ୍କ ପ୍ରତିଜ୍ଞା ପୂରଣ କରିବା ପ୍ରଚେଷ୍ଟା କରି ବିଫଳ ହୋଇଥିଲେ ।

ମିଥିଳାରେ ଅନୁଜ ଲକ୍ଷ୍ମଣ ଓ ଗୁରୁ ରାଜର୍ଷି ବିଶ୍ୱାମିତ୍ରଙ୍କ ସହିତ ସ୍ୱଳ୍ପ ଅବଧିର ଅବସ୍ଥାନ କାଳରେ ମହାରାଜ ଜନକ ଓ ଗୁରୁ ବିଶ୍ୱାମିତ୍ରଙ୍କ ଆଜ୍ଞାନୁସାରେ ପବିତ୍ର ପିନାକ ଧନୁ ଦର୍ଶନ ଓ ପ୍ରତ୍ୟଞ୍ଚା ଚଢାଇବାର ଅବସର ମିଳିଲା ରାମଚନ୍ଦ୍ରଙ୍କୁ । ଭକ୍ତି ଓ ନମ୍ରତା ସାକ୍ଷାତ ନିଦର୍ଶନ ରାମଚନ୍ଦ୍ର ମହାଦେବଙ୍କ ମହାଶକ୍ତିଶାଳୀ ଧନୁରେ ପ୍ରତ୍ୟଞ୍ଚା ଚଢ଼େଇବାରେ ସଫଳ ହେଲେ । ନିଜର କର୍ଣ୍ଣ ପର୍ଯ୍ୟନ୍ତ ପ୍ରତ୍ୟଞ୍ଚା ଟାଣିବାରୁ ଶିବଧନୁ ଭଗ୍ନ ହେଲା । ଏହା ଦେଖି ଉପସ୍ଥିତ ସଭାସଜ୍ଜନ ଆଶ୍ଚର୍ଯ୍ୟାଭିଭୂତ ହେଲେ । ତାଙ୍କର ପ୍ରତିଜ୍ଞା ରାମଚନ୍ଦ୍ର ପୂର୍ଣ୍ଣ କରିଥିବାରୁ ମହାରାଜ ଜନକଙ୍କ ଆନନ୍ଦ କହିଲେ ନସରେ । ନିଜ ପୁତ୍ରୀ ସୀତା ପାଇଁ ଉପଯୁକ୍ତ ଜୀବନସାଥୀ ପାଇଥିବାରୁ ଅତ୍ୟନ୍ତ ପ୍ରୀତ ହେଲେ । ଶିବଧନୁ ଭଗ୍ନ ଓ ମହାରାଜ ଜନକଙ୍କ ପ୍ରତିଜ୍ଞା ପୂରଣ ବାର୍ତ୍ତା ଅଯୋଧା ନରେଶ ଦଶରଥଙ୍କ ନିକଟକୁ ପ୍ରେରିତ ହେଲା । ଏହି ସୁଖଦ ଖବର ଜ୍ଞାତ ହୋଇ ମହାରାଜ ଦଶରଥ ପୁତ୍ର ବିବାହ ସକାଶେ ମିଥିଳାଭିମୁଖେ ଯାତ୍ରା କଲେ । ମିଥିଳାରେ ମହାରାଜ ଦଶରଥଙ୍କ ଭବ୍ୟ ସ୍ୱାଗତ ଏବଂ ଆତିଥେୟତା ଉପରାନ୍ତେ କୁଳଗୁରୁ ବଶିଷ୍ଠ ମହାରାଜ ଦଶରଥଙ୍କ କୁଳ ପରିଚୟ ପ୍ରଦାନ କଲେ । ମରିଚି ପଙ୍‌ପିତା ବ୍ରହ୍ମାଙ୍କ ପୁତ୍ର । ତାଙ୍କଠାରୁ କାଶ୍ୟପ , କାଶ୍ୟପଙ୍କ ଠାରୁ ବିଭସ୍ୱାନ, ବିଭସ୍ୱାନଙ୍କ ଠାରୁ ବୈବିଶ୍ୱତମନୁ ଓ ବୈବିଶ୍ୱତମନୁଙ୍କ ଠାରୁ ଇକ୍ଷ୍ୱାକୁ ଉତ୍ପନ୍ନ ହେଲେ । ଇକ୍ଷ୍ୱାକୁ ଅଯୋଧାର ପ୍ରଥମ ରଜା ଥିଲେ । ଇକ୍ଷ୍ୱାକୁ ବଂଶରେ ପୃଥୁ, ତ୍ରିଶଙ୍କୁ, ମାନଧାତା, ଶଗର, ଭଗୀରଥ, ଅମ୍ବରୀଶ, ନହୁଷ, ଯଯାତି, ନାଭାଗ, ଅଜ ଆଦି ପ୍ରବଳ ପରାକ୍ରମୀ ରଜା ଉତ୍ପନ୍ନ ହେଲେ । ମହାରାଜା ଅଜଙ୍କ ପୁତ୍ର ରଜା ଦଶରଥ । ତାଙ୍କର ଚାରି ପୁତ୍ର ରାମଚନ୍ଦ୍ର, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ । ଜନକ ନିଜ କୁଳ ପରିଚୟ ଦେଇ କହିଲେ ପ୍ରାଚୀନ କାଳରେ ଜଣେ ସୁପ୍ରସିଦ୍ଧ ରାଜା ଥିଲେ । ସେ ନିମି ନାମରେ ସୁପରିଚ । ନିମିଙ୍କ ପୁତ୍ର ମିଥି ଓ ମିଥିଙ୍କ ପୁତ୍ର ଜନକ ଥିଲେ । ମହାରାଜ ଜନକଙ୍କ ପରେ ଜନକ ବଂଶୀୟ ସମସ୍ତ ରାଜାଙ୍କୁ ଜନକ କୁହାଯାଏ । ମହାରାଜ ଦଶରଥ, ମହର୍ଷି ବଶିଷ୍ଠ, ବାମଦେବ, କାଶ୍ୟପ, ମାର୍କଣ୍ଡେୟ ଓ ଅଯୋଧାର ସମସ୍ତ ମନ୍ତ୍ରୀଙ୍କ ଉପସ୍ଥିତିରେ ମହାରାଜ ଜନକଙ୍କ ଉଭୟ ପୁତ୍ରୀ ସୀତା ଓ ଉର୍ମିଳାଙ୍କ ବିବାହ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ସହିତ ଏବଂ ଜନକାନୁଜ ସାଂକସ୍ୟ ନରେଶ କୁଶଧ୍ୱଜଙ୍କ କନ୍ୟା ମାଣ୍ଡବି ଓ ଶୃତକୀର୍ତ୍ତିର ବିବାହ ଭରତ ଓ ଶତ୍ରୁଘ୍ନଙ୍କ ସହିତ ଯଥାରୀତି ସମ୍ପନ୍ନ ହେଲା ।

ବିବାହାଦି କାର୍ଯ୍ୟ ସମ୍ପନ୍ନ ପରେ ରାଜର୍ଷି ବିଶ୍ୱାମିତ୍ର ଓ ମହାରାଜ ଦଶରଥ ଜନକଙ୍କ ଠାରୁ ବିଦାୟ ନେଇ ନିଜନିଜ ଗନ୍ତବ୍ୟ ସ୍ଥଳାଭିମୁଖେ ପ୍ରସ୍ଥାନ କଲେ । ବିଶ୍ୱାମିତ୍ର ପବିତ୍ର ଗଙ୍ଗା ନଦୀତଟସ୍ଥ ନିଜ ଆଶ୍ରମ ଓ ଦଶରଥ ପୁତ୍ର ପୁତ୍ରବଧୂଙ୍କ ସହିତ ଅଯୋଧା ନଗରୀ । ରାଜା ଦଶରଥ ଓ ପରିବାର ପରିଜନ କିଛି ପଥ ଅତିକ୍ରମ ଅନ୍ତେ ଘୋର ଅନ୍ଧକର ମାଡି ଆସିଲା । ଧୂଳିଝଡ଼ରେ ସମସ୍ତେ ଅସ୍ତବ୍ୟସ୍ତ ହେଲେ । ଘଡଘଡି ଓ ବିଜୁଳି ଏତେ ପ୍ରବଳ ଥିଲା ଯେ ମହର୍ଷି ବଶିଷ୍ଠ, ରାଜା ଦଶରଥ ଓ ତାଙ୍କ ଚାରି ପୁତ୍ରଙ୍କ ବ୍ୟତୀତ ଅନ୍ୟ ସମସ୍ତେ ପ୍ରାୟତଃ ସଂଜ୍ଞାହୀନାବସ୍ଥା ପ୍ରାପ୍ତ ହେଲେ । ପ୍ରାକୃତିକ ତୁଫାନ ମଧରୁ କ୍ରୋଧିତ ଜମଦଗ୍ନିକୁମାର ଭଗବାନ ପର୍ଶୁରାମ ଆବିର୍ଭୂତ ହେଲେ । ରାମଚନ୍ଦ୍ରଙ୍କୁ ତାଛଲ୍ୟ କରି କହିଲେ, 'ଶିବଧନୁ ଭଗ୍ନ କରି ତୁମେ ଯଦି ନିଜକୁ ପୃଥିବୀର ସର୍ବଶ୍ରେଷ୍ଠ ପରାକ୍ରମୀ ମନେ କରୁଛ ତାହେଲେ ସେଇଟା ତୁମର ଭ୍ରାନ୍ତ ଧାରଣା । ମୋ ଧନୁରେ ପ୍ରତ୍ୟଞ୍ଚା ଚଢାଇବାରେ ତୁମେ ସମର୍ଥ ହେଲେ ଦୁନିଆଁ ଜାଣିବ ଯେ ବାସ୍ତବରେ ତୁମେ ସର୍ବଶକ୍ତିମାନ । 'ଏହା ଶୁଣି ଅବିଚଳିତ ରାମଚନ୍ଦ୍ର ପର୍ଶୁରାମଙ୍କ ନିକଟରୁ ବୈଷ୍ଣବ ଧନୁ ସହିତ ବୈଷ୍ଣବୀ ଶକ୍ତି ମଧ ହରଣ କଲେ । ପର୍ଶୁରାମ ଅବଶ ଅନୁଭବ କଲେ । ତାଙ୍କୁ ଦୁର୍ବଳ ଲାଗିଲା । ସେ ଜାଣିସାରିଥିଲେ ଯେ ସ୍ୱୟଂ ବିଷ୍ଣୁ ରାମଚନ୍ଦ୍ର ରୂପରେ ଅଯୋଧାରେ ଜନ୍ମ ନେଇଛନ୍ତି । ନିଜ ପ୍ରିୟ ଧନୁ ସାରଙ୍ଗ ପ୍ରଭୁ ଶ୍ରୀରାମଚନ୍ଦ୍ର ଧାରଣ କରି ପ୍ରତ୍ୟଞ୍ଚା ଚଢ଼ାଇଲେ ଓ ପର୍ଶୁରାମଙ୍କ ପୁଣ୍ୟଭୂମି ନଷ୍ଟ କଲେ । ଭଗବାନ ବିଷ୍ଣୁ ନିଜେ ନିଜର ସାରଙ୍ଗ ଧନୁ ଭୃଗୁବଂଶୀ ଋଚିକ ଋଷିଙ୍କୁ ପ୍ରଦାନ କରିଥିଲେ । ଋଷି ଋଚିକ ନିଜ ପୁତ୍ର ଜମଦଗ୍ନି ଓ ଜମଦଗ୍ନି ତାଙ୍କ ପୁତ୍ର ପର୍ଶୁରାମଙ୍କୁ ଏହି ଦିବ୍ୟ ଧନୁ ପ୍ରଦାନ କରିଥିଲେ । ଜମଦଗ୍ନି ସର୍ବସ୍ୱ ତ୍ୟାଗ କରି ତପସ୍ୟାରତ ଥିବାବେଳେ କାର୍ତ୍ତବୀର୍ଯ୍ୟକୁମାର ସହସ୍ରାର୍ଜୁନ ତାଙ୍କୁ ହତ୍ୟା କରିଥିଲେ । ପ୍ରତିଶୋଧ ପରାୟଣ ପର୍ଶୁରାମ କ୍ଷିତିକୁ ନିକ୍ଷତ୍ରି କରି ସମଗ୍ର ଧରାପୃଷ୍ଠ କରାୟତ୍ତ କରିଥିଲେ । ପରେ ପ୍ରଭୁ ପର୍ଶୁରାମ ଯଜ୍ଞ ଦକ୍ଷିଣା ସ୍ୱରୂପ ସମଗ୍ର ପୃଥିବୀ ମହର୍ଷି କାଶ୍ୟପଙ୍କ ପ୍ରଦାନ କରିଥିଲେ ।

ବୈଷ୍ଣବୀ ଶକ୍ତି ଓ ବୈଷ୍ଣବ ଧନୁ ଫେରସ୍ତ ପାଇବା ପରେ ରାମଚନ୍ଦ୍ର ଭଗବାନ ପର୍ଶୁରାମଙ୍କ ପୂଜନ କଲେ । ପର୍ଶୁରାମ ରାମଚନ୍ଦ୍ରଙ୍କ ପରିକ୍ରମା କଲେ । ତାଙ୍କ ଅନୁମତିରେ ମନ ବେଗରେ ନିଜ ନିବାସ ସ୍ଥଳୀ ମହେନ୍ଦ୍ର ପର୍ବତକୁ ପ୍ରସ୍ଥାନ କଲେ । ରାମଚନ୍ଦ୍ର ବରୁଣ ଦେବଙ୍କୁ ଆହ୍ୱାନ କରି ବୈଷ୍ଣବ ଧନୁ ତାଙ୍କୁ ଅର୍ପଣ କଲେ ।

ଦଶରଥଙ୍କ ଚାରି ପୁତ୍ର ଓ ପୁତ୍ରବଧୂଙ୍କୁ ସମଗ୍ର ଅଯୋଧା ଭବ୍ୟ ସ୍ୱାଗତ କଲା । କିଛିଦିନ ଅନ୍ତେ ରାଣୀ କୈକେୟୀଙ୍କ ଭାଇ ଯୁଧାଜିତ ଭରତ ଓ ଶତ୍ରୁଘ୍ନଙ୍କୁ ନିଜ ରାଜ୍ୟ କେକୟ ନେଲେ । ରାମଚନ୍ଦ୍ର, ଲକ୍ଷ୍ମଣ ଓ ସମସ୍ତ ପୁତ୍ରବଧୂ ରାଜ୍ୟ ଓ ପିତାମାତାଙ୍କ ସେବାରେ ମଗ୍ନ ରହିଲେ । ସୀତା ବିବାହ ଏବଂ ରାମ ପର୍ଶୁରାମ ଭେଟ ଅତ୍ୟନ୍ତ ମର୍ମସ୍ପର୍ଶୀ । ତ୍ୟାଗ, ନମ୍ରତା, ପ୍ରତିବଦ୍ଧତା, କର୍ତ୍ତବ୍ୟପରାୟଣତା, ଆଜ୍ଞାଧୀନତା, ଆତିଥେୟତା, ବଚନବଦ୍ଧତା ତଥା ଭକ୍ତି ଓ ଅନୁରକ୍ତି ଆଦି ଅନେକାନେକ ମାନବୀୟ ମୂଲ୍ୟବୋଧ ରାମାୟଣର ପ୍ରତିଟି ଘଟଣାରେ ପ୍ରତିଫଳିତ । ପ୍ରତିଫଳିତ ଗୁଣାବଳୀର ପ୍ରତିଫଳନ ଆମ ହୃଦୟରେ କେବେ ହେବ ? ସେହି ଅମୃତ ମୁହୂର୍ତ୍ତକୁ ଅପେକ୍ଷା ରହିବ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

## ଔଷଧରେ ଭରପୁର ଜାମୁକୋଳି

ଜାମୁକୋଳିକୁ ନ ଜାଣେ ବା କିଏ ! ଗାଁ ଗଣ୍ଡା, ସହର ବଜାର ଓ ରାସ୍ତାକଡ଼ରେ ଜାମୁଗଛ ଦେଖିବାକୁ ମିଳିଥାଏ । ଏହାର ଔଷଧୀୟ ଗୁଣ କଥା ପ୍ରାୟ କମ୍ ଜାଣିଥିବେ ।

ତେଲିଆ ଚର୍ମ: ମୁଖମଣ୍ଡଳ ତେଲିଆ ଲାଗୁଥିଲେ, ଜାମୁରସ ସହିତ ବରଲି ଗୁଣ୍ଡ, ଅଁଳାରସ ଓ ଗୋଲାପ ଜଳ ମିଶାଇ ମୁଖମଣ୍ଡଳରେ ଲେପ ଦିଅନ୍ତୁ, ଶୁଖିଗଲେ ମୁଖମଣ୍ଡଳକୁ ଥଣ୍ଡା ପାଣିରେ ଭଲ ଭାବରେ ଧୋଇ ସଫା ନରମ କପଡ଼ାରେ ପୋଛି ଦିଅନ୍ତୁ । କିଛିଦିନ ଏପରି କଲେ ମୁହଁର ତୈଳାଂଶ କମିଯାଇ ମୁଖମଣ୍ଡଳ ଉଜ୍ୱଳ ଦେଖାଯାଏ ।

କଳା/ଧଳା ଦାଗ: ମୁଖମଣ୍ଡଳରେ କଳାଧଳା ଦାଗଥିଲେ ଜାମୁ ମଞ୍ଜିର ଗୁଣ୍ଡ ଲିମନ ଗୁଣ୍ଡ, ଚଣା ଗୁଣ୍ଡ, ଆଲମଣ୍ଡ ତେଲ ୧୦/୧୫ ଟୋପା, ଗୋଲାପ ଜଳ ମିଶାଇ ଏହି ମିଶ୍ରଣକୁ ମୁଖମଣ୍ଡଳରେ ଲେପଦିଅନ୍ତୁ, ଏହା ଶୁଖିଗଲେ ଥଣ୍ଡା ପାଣିରେ ମୁହଁ ଧୋଇ ସଫା ନରମ କପଡ଼ାରେ ମୁହଁ ପୋଛି ଦିଅନ୍ତୁ । ଏହିପରି କିଛିଦିନ କଲେ ମୁଖମଣ୍ଡଳରୁ କଳାଧଳା ଦାଗ ଉଭେଇ ଯାଏ ।

ଯାଦୁ: ସାଧାରଣତଃ ଅଣ୍ଟା, ଜଂଘ ଆଦିରେ ଯାଦୁ ହୋଇଥାଏ । ଯାଦୁ ହୋଇଥିବା ରୋଗୀ କୁଣ୍ଡାଇ ଖଣ୍ଡିଆ କରି ରକ୍ତ ବାହାର କରିଦିଏ, ଏହା ବହୁତ କଷ୍ଟ ପାଇଥାଏ । ଯଦି ଜାମୁ ରସରେ ପାଣି ମିଶାଇ କ୍ଷତ ସ୍ଥାନରେ ଲେପଦେଲେ, କିଛିଦିନ ନିୟମିତ ବ୍ୟବହାର କଲେ ଯାଦୁ ଭଲ ହୋଇ ଚର୍ମର ଯାଦୁର ଦାଗ ଲିଭିଯାଏ ।

ରକ୍ତହୀନତା: ଜାମୁରେ ଆଇରନ୍ ଓ ଜୀବସାର ସି' ଥାଏ । ରକ୍ତହୀନତା ରୋଗୀ ନିୟମିତ ଜାମୁରସ ସେବନ କଲେ ରକ୍ତରେ ହେମୋଗ୍ଲୋବିନ୍ କାଉଣ୍ଟ ବଢ଼ିଥାଏ, ରକ୍ତ ପରିଷ୍କାର ହୋଇଥାଏ ।

ପରିସ୍ରାଜନିତ ରୋଗ: ଯଦି ପରିସ୍ରାଜନିତ କିଛି ଅସୁବିଧା ଯଥା- ପରିସ୍ରା ନଳୀ ସଂକ୍ରମିତ ହୋଇଥାଏ, ପରିସ୍ରା ପୀଡା ହେଉଥାଏ, ପରିସ୍ରା ସଂକ୍ରମିତ



ହେଉଥାଏ, ତେବେ ଏକ ଗ୍ଲାସ ଜାମୁରସ ୧/୨ ଚାମଚ ଜାମୁ ଛେଲି ଗୁଣ୍ଡ ମିଶାଇ ନିୟମିତ ୧୦/୧୫ ଦିନ ସେବନ କରନ୍ତୁ, ଏ ରୋଗରୁ ସମ୍ପୂର୍ଣ୍ଣ ରକ୍ଷା ପାଇବେ ।

ହୃଦ୍‌ରୋଗର ଯତ୍ନ : ହୃଦ୍‌ଘାତ ଏକ ମାରାତ୍ମକ ରୋଗ, ପ୍ରତିଦିନ ଶହ ଶହ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରୁଛନ୍ତି । ଏହି ରୋଗକୁ ମୂଳରୁ ସାବଧାନ ହେବା ଦରକାର । ୧୦୦ ଗ୍ରାମ ଜାମୁ ରସରେ ୫୫ ମିଲିଗ୍ରାମ ପଟାସିୟମ୍ ଥାଏ । ଏହା ହାର୍ଟ ପାଇଁ ଅତି ଦରକାରୀ । ଜାମୁରସ ନିୟମିତ ସେବନ କଲେ ହୃଦ୍‌ଜନିତ ରୋଗ ଯଥା ଉଚ୍ଚ ରକ୍ତଚାପ ହୃଦ୍‌ଘାତ, ଧମନୀ ଟାଣଜନିତ ରୋଗ, କାଡିଓଭାସକୁଲାର ରୋଗରୁ ରକ୍ଷା ମିଳିଥାଏ । ଜାମୁରେ ଥିବା ଲୌହ ରକ୍ତ ପରିଷ୍କାର କରିବାରେ ସାହାଯ୍ୟ କରିଥାଏ । ଜାମୁ ସେବନ କଲେ ରକ୍ତ ପତଳା ହୋଇ ହାର୍ଟକୁ ଠିକ୍ ଭାବରେ ପ୍ରଭାବିତ ହୋଇଥାଏ । ପ୍ରାତଃଭ୍ରମଣରୁ ଫେରିବା ପରେ ଜାମୁରସ ପାନ କଲେ ହୃତପିଣ୍ଡ ସୁସ୍ଥ ରହିଥାଏ ।

ମଧୁମେହ ରୋଗର ଯତ୍ନ : ମଧୁମେହ ରୋଗୀ ଜାମୁମଞ୍ଜିର ଗୁଣ୍ଡକୁ ମହୁ ସହିତ ମିଶାଇ ଦିନକୁ ୩ ଥର ନିୟମିତ ୨/୩ ମାସ ସେବନ କଲେ ରକ୍ତରେ ଶର୍କରା ସ୍ତର କମ୍ ହୋଇଥାଏ ଏବଂ ଶରୀରରେ ଇନସୁଲିନ୍ ସ୍ତର ବଢ଼ିଥାଏ ।

## ଆଜିର ଚିନ୍ତନ

ମହର୍ଷି ଗୌତମ ନିଜର ପତ୍ନୀ ଅହଲ୍ୟାଙ୍କ ସହିତ ବ୍ରହ୍ମଗିରି କ୍ଷେତ୍ରରେ ନିବାସ କରୁଥିଲେ । ସେଠାରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିବାରୁ ଗୌତମ ବରୁଣ ଦେବଙ୍କୁ ପ୍ରସନ୍ନ କରିବା ହେତୁ ତପସ୍ୟା କଲେ । ବରୁଣ ଦେବ ପ୍ରକଟ ହେଲେ ଓ ଗୌତମ ଋଷିଙ୍କ ସମକ୍ଷରେ କେବେ କ୍ଷୀଣ ନ ହେବା ପରି ଜଳ ଧାରାର ପ୍ରବାହ କରାଇ ଅନ୍ତର୍ଦ୍ଧାନ ହୋଇଗଲେ । ତଦ୍ୱାରା ଅନ୍ୟମାନଙ୍କର ଉପକାର କରି ମହର୍ଷି ଗୌତମଙ୍କୁ ସନ୍ତୁଷ୍ଟି ତ ମିଳିଲା, କିନ୍ତୁ ଏହି କାରଣରୁ ତାଙ୍କର ମାନ ବଢ଼ିଯିବାରୁ ଅନ୍ୟ ଲୋକଙ୍କ ମନରେ ଈର୍ଷା ଜାତ ହେଲା । ସେମାନଙ୍କ ପତ୍ନୀମାନେ ଗୌତମ ଋଷିଙ୍କର ଅନିଷ୍ଟ କରିବାର ଆକାଂକ୍ଷା ରଖି ଗଣପତିଙ୍କୁ ଅଭ୍ୟର୍ଥନା କଲେ ।

ଗଣେଶ ଭଗବାନ ପ୍ରକଟ ହୋଇ ସେମାନଙ୍କୁ କହିଲେ– 'ତୁମେମାନେ ମନେରଖ । ଉପକାରୀକୁ ଯିଏ ଦୁଃଖ ଦିଏ, ସେ ନିଜ ବିନାଶର ମାର୍ଗ ପ୍ରସ୍ତୁତ କରିଥାଏ ।' ତଥାପି ସେହି ବ୍ୟକ୍ତିମାନଙ୍କୁ ବଚନ ଦେଇଥିବା ଯୋଗୁଁ ଗଣେଶ ଏକ ଦୁର୍ବଳ ଗାଈ ରୂପେ ଋଷି ଗୌତମଙ୍କ ସମକ୍ଷରେ ପ୍ରକଟ ହେଲେ । ମହର୍ଷି ଗୌତମଙ୍କ ହୃଦୟ କରୁଣାସିକ୍ତ ଥିଲା । ସେ ଦୁର୍ବଳ ଗାଈଟିର କଷ୍ଟ ଦେଖି ନ ପାରି ସେହି ମାର୍ଗରୁ ଗୋଟିଏ ପାଖକୁ ଆଣିବା ଉଦ୍ଦେଶ୍ୟରେ ତାକୁ ଗୋଟିଏ ଛୋଟ ତୃଣରେ ଅଡେଇବାର ଚେଷ୍ଟା କଲେ । ତୃଣର ସ୍ପର୍ଶ ମାତ୍ରେ ଗାଈ ରୂପୀ ଗଣେଶ ଭୂମିରେ ପଡ଼ିଗଲେ ଓ ସେଇ ଗାଈଟି ସେଠାରେ ମରିଗଲା । ଏହି ଘଟଣା ଘଟିବା ମାତ୍ରେ ପାଖରେ ଲୁଚିଥିବା ସମସ୍ତ ଈର୍ଷାଳୁ ପଡ଼ୋଶୀ ବାହାରି ଆସିଲେ ଓ ଗୌତମ ଋଷିଙ୍କ ଉପରେ ଗୋହତ୍ୟାର ଅଭିଯୋଗ ଲଗାଇଲେ ।

ନିର୍ମଳ ହୃଦୟ ଯୁକ୍ତ ଗୌତମ ଋଷି ସହର୍ଷ ଭୁଲ ସ୍ୱୀକାର କରି ସେମାନଙ୍କୁ ପ୍ରାୟଶ୍ଚିତ୍ତର ବିଧାନ ପଚାରିଲେ । ସେମାନେ ଈର୍ଷା ଗ୍ରସ୍ତ ଥିବାରୁ ଗୌତମ ଋଷିଙ୍କୁ ଏକ ଅସମ୍ଭବ ସାଧନାର ବିଧାନ କଥା କହିଲେ । ସେମାନେ ଭାବିଥିଲେ ଯେ ଏହା ସେ କଦାପି ପୂର୍ଣ୍ଣ କରି ପାରିବେ ନାହିଁ, କିନ୍ତୁ ଗୌତମ ଋଷି ଶ୍ରଦ୍ଧା ଭାବରେ ସେହି ତପସ୍ୟାରେ ନିରତ ହୋଇଗଲେ ।

ତାଙ୍କର ଦୃଢ଼ସଂକଳ୍ପ ଯୋଗୁଁ ପ୍ରସନ୍ନ ହୋଇ ଭଗବାନ ଶିବ ତାଙ୍କ ସମ୍ମୁଖରେ ପ୍ରକଟ ହେଲେ ଏବଂ ତାଙ୍କ ହେପାଜତରେ ଗଙ୍ଗାମାତାଙ୍କୁ ପ୍ରଦାନ କରି କହିଲେ– 'ଋଷିବର ! ଆପଣ ଜୀବନ ସାରା ଅନ୍ୟମାନଙ୍କ କଷ୍ଟ ନିବାରଣର ସାଧନା କଲେ । ସେଥିପାଇଁ ଆଜିଠାରୁ ମା' ଗଙ୍ଗା ଆପଣଙ୍କ ସହିତ ରହିବେ ଏବଂ ଗଙ୍ଗା ଗୌତମୀ ବା ଗୋଦାବରୀ ବୋଲାଇବେ । ସେହି ସ୍ଥାନ ନାସିକ ପାଖରେ ସ୍ଥିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧରୁ ଗୋଟିଏ 'ତ୍ୟମ୍ବକେଶ୍ୱର' ନାମରେ ପ୍ରସିଦ୍ଧ ହେଲା ଏବଂ ଋଷି ଗୌତମଙ୍କ ସଦାଶୟତା ସବୁ ଦିନ ପାଇଁ ଅମର ହୋଇଗଲା ।

ବର୍ଷ ୨୮, ସଂଖ୍ୟା - ୪୨, ୨୦ - ୨୬ ଅକ୍ଟୋବର ୨୦୨୪

# ଶାକାହାରୀଙ୍କ ସଂଖ୍ୟା କମୁଛି

ଭାରତୀୟ ସଂସ୍କୃତିରେ ସାତ୍ତ୍ୱିକ ଆହାର ବିହାରକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି । ସାତ୍ତ୍ୱିକ ଆହାର ଅନ୍ନ, ପନିପରିବା ଓ ଫଳ ଆଧାରିତ ହୋଇଥାଏ, ସେଥିପାଇଁ ଏହାକୁ ଶାକାହାର କହନ୍ତି । ଶାକାହାର ଶରୀରକୁ ସୁସ୍ଥ ରଖିଥାଏ ଏବଂ ମନକୁ ପ୍ରସନ୍ନତା ପ୍ରଦାନ କରିଥାଏ । ଏହା ଦ୍ୱାରା ଦୀର୍ଘାୟୁ ପ୍ରାପ୍ତ ହୋଇଥାଏ । ଏହାର ବିପରୀତ ମାଂସାହାରର ଅନେକ କୁପ୍ରଭାବ ରହିଛି ।

ଆମ ଦେଶରେ ଶାକାହାରକୁ ଆଦର୍ଶ ମନେ କରାଯାଏ, କିନ୍ତୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟରୁ ଜଣାପଡ଼େ ଯେ ଆମ ଦେଶ ମାଂସାହାର ଦିଗରେ ଅଗ୍ରସର ହେଉଛି । ରାଜସ୍ଥାନ ପଞ୍ଜାବକୁ ଛାଡ଼ି ଦେଲେ ଦେଶର ତମାମ ରାଜ୍ୟଗୁଡ଼ିକରେ ମାଂସାହାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଦିଲ୍ଲୀରେ ତ ଏହି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ମିଣ୍ଟ, ହିନ୍ଦୁସ୍ଥାନ ଟାଇମ୍ସ ଓ ହାଓ ଇଣ୍ଡିଆ ଲିଭ୍ସ ତରଫରୁ 'ଡାଟା ଫେଲୋସିପ- ୨୦୧୮' ପାଇଥିବା ଅର୍ଜୁନ ଶ୍ରୀନିବାସଙ୍କ ବିଶ୍ଳେଷଣ କିଛି ଏହିପରି କହିଥାଏ ।

ଆମ ଦେଶରେ ଶାକାହାରରେ ବିଶ୍ୱାସ ରଖୁଥିବା ଲୋକଙ୍କ ସଂଖ୍ୟା ବଢୁଥିବା କଥା ଠିକ୍ ଅଛି, କିନ୍ତୁ ବାସ୍ତବତା ଅନ୍ୟ କିଛି । ମିଣ୍ଟ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ଲଗାଏତ ଦୁଇ ପର୍ଯ୍ୟାୟର ତଥ୍ୟଗୁଡ଼ିକର ବିଶ୍ଳେଷଣ କରିଛି । ୨୦୦୫-୦୬ ଓ ଯେ ଓ ୨୦୧୫-୧୬ର ସର୍ବେକ୍ଷଣ ତଥ୍ୟ କହିଥାଏ ଯେ ଗତ ଦଶକରେ ଦେଶରେ ଶାକାହାରୀଙ୍କ ସଂଖ୍ୟା ଅତ୍ୟଧିକ ହ୍ରାସ ପାଇଛି ।

ବିଶ୍ଳେଷଣ କହିଥାଏ ଯେ ରାଜସ୍ଥାନ ଓ ପଞ୍ଜାବକୁ ଛାଡ଼ି ବାକି ସବୁ ରାଜ୍ୟରେ ମାଂସ ଖାଉଥିବା ଲୋକଙ୍କ ସଂଖ୍ୟା ବଢ଼ିଛି । ଏହି ସଂଖ୍ୟା ଦିଲ୍ଲୀରେ ସବୁଠାରୁ ଅଧିକ ହାରରେ ବଢ଼ିଥିବା ବେଳେ ହରିଆନା, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ଉତ୍ତରାଖଣ୍ଡ ଭଳି ଅନ୍ୟ କେତେକ ଉତ୍ତର ଭାରତୀୟ ରାଜ୍ୟରେ ମଧ ମାଂସାହାରୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ଏହି ରାଜ୍ୟଗୁଡ଼ିକରେ ମାଂସର ସେବନ ପୂର୍ବ ଅପେକ୍ଷା ବହୁତ ବଢ଼ିଛି । ଆରମ୍ଭରେ ଏହି ରାଜ୍ୟଗୁଡ଼ିକରେ ମାଂସାହାରୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଥିଲା ।

ଦେଶର ଦକ୍ଷିଣ ଭାଗର କଥା କହିବା ତ ପୂର୍ବରୁ କର୍ଣ୍ଣାଟକକୁ ମାଂସ ଖାଇବା ମାମଲାରେ ଏକ 'ବାହାର ରାଜ୍ୟ' ବୁଝାଯାଉଥିଲା, କିନ୍ତୁ ଏବେ ଏହା ତାହାର ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ତାଳ ମିଶାଉଥିବାର ଦେଖାଯାଉଛି । ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ମାଛ, ମାଂସ ଓ ଅଣ୍ଡାର ଉପଯୋଗରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । କେବଳ ଅଣ୍ଡାର ଉପଯୋଗକୁ ଛାଡ଼ି ମାଂସାହାରର ଅନ୍ୟ ମାମଲାରେ ପରିବର୍ତ୍ତନର ଯାଞ୍ଚ କରାଯିବ ତ ଏଥରେ ସବୁଠାରୁ ଅଧିକ ହ୍ରାସ ହରିଆନାରେ ଦେଖାଯାଇଛି । ଏଠାରେ ୧୧.୧ ପ୍ରତିଶତ ହ୍ରାସ ଦରଜ କରାଯାଇଛି ।

ତଥ୍ୟରୁ ଜଣାପଡ଼େ ଯେ ମାଂସ ଓ ଅଣ୍ଡା ଖାଇବାରେ ମହିଳାମାନେ ପୁରୁଷଙ୍କ ପଛରେ ଅଛନ୍ତି । ୨୦୧୫-୧୬ର ସର୍ଭେ ଅନୁସାରେ ଦେଶରେ ୩୦ ପ୍ରତିଶତ ମହିଳା ଶାକାହାରୀ, ଯେତେବେଳେ କି ଏମାନଙ୍କ ତୁଳନାରେ ୨୨ ପ୍ରତିଶତ ପୁରୁଷ ମାଂସଠାରୁ ଦୂରେଇ ରହିଥିବା କହନ୍ତି । ଯଦ୍ୟପି ମହିଳାମାନେ ଦ୍ରୁତ ଗତିରେ ପୁରୁଷଙ୍କ ସମକକ୍ଷ ହେବା ପାଇଁ ପ୍ରସ୍ତୁତ ଥିବାର ଦେଖା ଯାଉଛନ୍ତି । କାରଣ ଗତ ଏକ ଦଶକରେ ମାଂସ ଓ ଅଣ୍ଡା ଖାଇବା ମାମଲାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ବହୁତ ଅଧିକ ବୃଦ୍ଧି ପାଇଥିବାର ଦେଖାଯାଇଛି ।


ଆଶ୍ଚର୍ଯ୍ୟର କଥା ଯେ ଅଣ୍ଡା, ମାଂସ ଓ ମାଛ ଖାଇବ । ଲୋକଙ୍କ ସଂଖ୍ୟାରେ ଏହି ବୃଦ୍ଧି ସେତେବେଳେ ଘଟିଛି, ଯେତେବେଳେ ପ୍ରୋଟିନରେ ଭରପୂର ଏହି ଖାଦ୍ୟ ପଦାର୍ଥଗୁଡ଼ିକର ମୂଲ୍ୟ ଦ୍ରୁତ ଗତିରେ ବଢ଼ିଛି ।

ଏଥିରୁ ସ୍ପଷ୍ଟ ହେଉଛି ଯେ ଆୟ ବୃଦ୍ଧି ପାଉଥିବା କାରଣରୁ ଭାରତୀୟ ପରିବାର ଗୁଡ଼ିକ ନି ଜର ଖାଦ୍ୟପେୟରେ ପରିବର୍ତ୍ତନ ଆଣୁଛନ୍ତି ଏବଂ ସେମାନେ ଅଧିକ ମାଂସ ସେବନ କରୁଛନ୍ତି । ବିଶ୍ଳେଷଣ ଅନୁଯାୟୀ ଗରିବ ଲୋକମାନେ ଆହାରରେ ପରିବର୍ତ୍ତନ କରି ଅଣ୍ଡାର ଉପଯୋଗ ଆରମ୍ଭ କରି ଦେଇଛନ୍ତି । ଏହି ଦଶକରେ ସମସ୍ତ ସାଧାରଣ ବର୍ଗରେ ଅଣ୍ଡାର ଚାହିଦା ବଢ଼ିଛି, କିନ୍ତୁ ଦେଶର ସବୁଠାରୁ ଗରିବ ୨୦ ପ୍ରତିଶତ ଜନସଂଖ୍ୟା ତୁଳନାରେ ଏଗୁଡ଼ିକର ବହୁତ ଅଧିକ ସେବନ କରୁଛନ୍ତି । ଗତ ଦୁଇଟି ସର୍ବେକ୍ଷଣରୁ ଆହୁରି ମଧ ଜଣାପଡ଼ିଛି ଯେ ମାଂସାହାର ପ୍ରତି ଭାରତୀୟମାନେ ଆକର୍ଷିତ ହେଉଛନ୍ତି । ଅନ୍ୟ ପକ୍ଷରେ ଏହି ସର୍ଭେ ଲୋକଙ୍କ ମଧରେ ପରସ୍ପର ସହିତ ମିଳାମିଶାର ପ୍ରକ୍ରିୟା ଚାଲିଥିବା କଥା ସ୍ପଷ୍ଟ କରିଛି । ସେମାନେ ପରସ୍ପରର ଖାଦ୍ୟପେୟକୁ ଏବେ ସ୍ୱୀକାର କଲେଣି । ନିଶ୍ଚିତ ରୂପେ ଲୋକଙ୍କର ବଢୁଥିବା ଆୟ ହିଁ ଏହାର କାରଣ । ଏହା ସେମାନଙ୍କୁ ନିଜର ପାରମ୍ପରିକ ଖାଦ୍ୟପେୟ ଠାରୁ ଭିନ୍ନ ଖାଦ୍ୟର ସ୍ୱାଦ ନେବା ଓ ନୂଆ ପ୍ରୟୋଗ କରିବା ପାଇଁ ପ୍ରେରିତ କରୁଛି ।

ଆହାର ଭଲା ନିଜର ସ୍ୱାଦ ଅନୁସାର ଗ୍ରହଣ କରାଗଲେ ମଧ ଶ୍ରେଷ୍ଠ ଆହାର ତାହାକୁ କୁହାଯାଏ, ଯାହା ସ୍ୱାଦ ପାଇଁ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ଗ୍ରହଣ କରାଯାଏ । ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଶାକାହାର, ସାତ୍ତ୍ୱିକ ଆହାର ଗ୍ରହଣ କରିବା ଦ୍ୱାରା ଶରୀର ଓ ମନ ସୁସ୍ଥ ତଥା ପ୍ରସନ୍ନ ରହିଥାଏ । ସେଥିପାଇଁ ଶାକାହାରକୁ ଉତ୍ତମ ଓ ଶ୍ରେଷ୍ଠ ଆହାର କୁହାଯାଏ । ଭାରତୀୟମାନେ ଶାକାହାର ଦିଗକୁ ଫେରିବାର ଆବଶ୍ୟକତା ଗମ୍ଭୀର ଭାବରେ ବୁଝନ୍ତୁ ଓ ଫେରି ଆସନ୍ତୁ ।

# ଆତ୍ମରକ୍ଷା ଲାଗି ତାଲିମ ଓ ଦୁରାଗ୍ରହ

**ମହାତ୍ମା ଗାନ୍ଧୀ**



ଏହି କ୍ଷେତ୍ରରେ କୌଣସି ଧୈର୍ଯ୍ୟହୀନତା, ବର୍ବରତା, ଔଦ୍ଧତ୍ୟ ଅଥବା ଅନାବଶ୍ୟକ କୌଣସି ଚାପ ରହିବା ଉଚିତ ନୁହେଁ । ଯଦି ଆମେ ପ୍ରକୃତରେ ଗଣତନ୍ତ୍ରର ଏକ ଯଥାର୍ଥ ଭାବନାର କର୍ଷଣ କରିବାକୁ ଇଚ୍ଛା କରୁଥାଉ, ତେବେ ଆମେ ଅସହନଶୀଳ ହେଲେ ମୋଟେ ଚଳିବ ନାହିଁ । ଅସହନଶୀଳତାରୁ ଆମର ଲକ୍ଷ୍ୟରେ ବିଶ୍ୱାସର ଅଭାବ ରହିଛି ବୋଲି ଧରା ପଡିଯାଏ । ମୋତେ ଅଟକବନ୍ଦୀ କରି ନିଆଯିବା ପରେ ଏହି ଯେଉଁ ଏତେସବୁ ଉତ୍ତେଜନା ଏବଂ ବିକ୍ଷୋଭର ସୃଷ୍ଟି ହେଲା, ମୁଁ ତାହା ଆଦୌ ବୁଝିପାରିଲି ନାହିଁ ।

ଏହାକୁ ଆଦୌ ସତ୍ୟାଗ୍ରହ ବୋଲି କୁହାଯିବ ନାହିଁ । ଏହାକୁ ଦୁରାଗ୍ରହଠାରୁ ମଧ ଅଧିକ ଖରାପ ବୋଲି କୁହାଯିବ ।

ଯେଉଁମାନେ ସତ୍ୟାଗ୍ରହର ବିକ୍ଷୋଭ ଗୁଡିକରେ ଯୋଗ ଦେଇଥିଲେ, ସେମାନେ ପ୍ରତ୍ୟେକେ ଯେକୌଣସି ପ୍ରତିକୂଳ ସ୍ଥିତିରେ ମଧ ହିଂସାରୁ ବିରତ ରହିବେ, ଟେକାପଥର ଫିଙ୍ଗିବେ ନାହିଁ ଏବଂ କୌଣସି ପ୍ରକାରେ କାହାକୁ ଆହତ କରିବେ ନାହିଁ ବୋଲି ବଚନବଦ୍ଧ ହୋଇ ରହିଥିଲେ । ମାତ୍ର ବମ୍ବେଠାରେ ଆମ ତରଫରୁ କେତେ ଟେକା ପଡ଼ିଲା । ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟିକାରୀ ବସ୍ତୁମାନ ରଖି ଆମେ ଟ୍ରାମଗାଡିଗୁଡିକର ପଥରୋଧ କଲୁ । ଏସବୁ ଆଦୌ ସତ୍ୟାଗ୍ରହ ନୁହେଁ । ହିଂସାତ୍ମକ କାର୍ଯ୍ୟ କରିଥିବାରୁ ଗିରଫ ହୋଇଥିବା ପ୍ରାୟ ପଚାଶ ଜଣ ବ୍ୟକ୍ତିଙ୍କୁ ଆମେ ଖଲାସ କରି ଦିଆଯାଉ ବୋଲି ଦାବି କରିଛୁ । ନିଜ ନିଜକୁ ଗିରଫ କରାଇବା ହେଉଛି ଆମର ସର୍ବପ୍ରଧାନ କର୍ତ୍ତବ୍ୟ । ହିଂସାଚରଣ କରିଥିବା ବ୍ୟକ୍ତିମାନଙ୍କୁ ଖଲାସ କରାଇ ଆଣିବାରେ ଚେଷ୍ଟା କରିବାକୁ ଆମ ଧର୍ମପାଳନର ଖିଲାପ ବୋଲି କୁହାଯିବ ।

ମୁଁ ଅଗଣିତ ଥର ଏକଥା କହି ଆସିଛି ଯେ, ସତ୍ୟାଗ୍ରହର ହିଂସାର, ଲୁଟପାଟ କରିବାର ଏବଂ ଘରେ ନିଆଁ ଲଗାଇଦେବାର କୌଣସି ସ୍ଥାନ ନାହିଁ । ତଥାପି, ସତ୍ୟାଗ୍ରହର ନାମ ନେଇ ଆମେ ଘରପୋଡିଛୁ, ବଳ ପ୍ରୟୋଗ କରି ଅସ୍ତ୍ରଶସ୍ତ୍ର ଜବତ କରିଛୁ, ପଇସା ଛଡ଼ାଇ ନେଇଛୁ, ରେଳଗାଡି ଅଟକାଇଛୁ, ଟେଲିଗ୍ରାଫ ତାର କାଟିଛୁ । ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କୁ ହତ୍ୟା କରିଛୁ ଏବଂ ଦୋକାନ ତଥା ଘରୋଇ ବାସଭବନ ଗୁଡିକ ନଷ୍ଟ କରିଛୁ । ଯଦି ଏହିଭଳି କାର୍ଯ୍ୟମାନ ମୋତେ କାରାଗାର କିମ୍ବା ଫାଶୀଖୁଣ୍ଟରୁ ପ୍ରକୃତରେ ବଞ୍ଚାଇ ଆଣି ପାରୁଥାନ୍ତା, ତେବେ ମଧ ଏଭଳି ଭାବରେ ରକ୍ଷା ପାଇବାକୁ ମୁଁ କଦାପି ଇଚ୍ଛା କରନ୍ତି ନାହିଁ ।ଏକ ମନ୍ଦ ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରଦର୍ଶିତ ବୀରପଣିଆ ଏବଂ ତ୍ୟାଗଦ୍ୱାରା ଉତ୍ତମ ଶକ୍ତିକୁ କେବଳ ବରବାଦ କରି ଦିଆଯାଏ ଏବଂ ଏକ ମନ୍ଦ ଲକ୍ଷ୍ୟ ପାଇଁ ଅସତ୍ ଭାବରେ ବ୍ୟବହୃତ ହେଉଥିବା ବୀରପଣିଆ ଏବଂ ତ୍ୟାଗର ମୋହଦ୍ୱାରା ଉତ୍ତମ ଲକ୍ଷ୍ୟଟି ଉପରୁ ଆମର ଧାନକୁ ବିଚ୍ୟୁତ କରି ନେବା ଦ୍ୱାରା ତାହାର ପ୍ରଭୂତ କ୍ଷତି ହିଁ କରାଯାଏ ।

ବିବେକହୀନ ଭାବରେ କର୍ତ୍ତୃତ୍ୱର ପ୍ରତିରୋଧ କରିବା ଦ୍ୱାରା ପରିଣାମତଃ ଅରାଜକତା ହିଁ ଉପୁଜିଥାଏ ଲଗାମହୀନ ଭାବରେ ସ୍ୱେଚ୍ଛାଚାରୀ ହେବାକୁ ବାଟ ଫିଟିଯାଏ ଏବଂ ତାହା ଫଳରେ ନିଜର ବିନାଶ ହିଁ ଘଟେ ।

# ସାଦା ଜୀବନ - ଉଚ୍ଚ ବିଚାର

'ସାଦା ଜୀବନ-ଉଚ୍ଚ ବିଚାର' ହେଉଛି ଋଷି ପ୍ରଣୀତ ଶ୍ରେଷ୍ଠ ମାର୍ଗ, ଯାହାର ମହିମା ପ୍ରତ୍ୟେକ ଯୁଗରେ ଗାନ କରାଯାଏ । ଯଦ୍ୟପି ଏହାର ଯଥାର୍ଥ ବୋଧ ସମୟ ସହିତ ବିକଶିତ ହୋଇଥାଏ । ଜୀବନର ପ୍ରାରମ୍ଭିକ ଅବସ୍ଥାରେ, ଯୁବାବସ୍ଥାରେ ଆଡ଼ମ୍ବର, କିଛି ଫେସନବାଜି, ମହଙ୍ଗା ସଉକ ପ୍ରାୟ ଜୀବନର ଅଙ୍ଗ ହୋଇଥାଏ, କିନ୍ତୁ ସମୟ ସହିତ ଯେତେବେଳେ ବିଚାର ପରିପକ୍ୱ ହୋଇଥାଏ, ଜୀବନର ତତ୍ତ୍ୱର ବୋଧ ହୋଇଥାଏ ସେତେବେଳେ ବାହ୍ୟ ପ୍ରଦର୍ଶନ ଓ ପ୍ରଭାବରେ କୌଣସି ସାର ତତ୍ତ୍ୱ ନ ଥିବା କଥା ବୁଝି ହୋଇଥାଏ । ଏହା ସହିତ ଗୁରୁତ୍ୱହୀନତା, ଶୂନ୍ୟତା ଓ ଅଶାନ୍ତି ହିଁ ଯୋଡ଼ି ହୋଇ ରହିଥାଏ ।

ଜୀବନର ସାର ସରଳତାରେ ଲୁଚି ରହିଛି, ଯାହା ଉଚ୍ଚ ବିଚାର ସହିତ ଜଡ଼ିତ । ଶାନ୍ତି-ସନ୍ତୋଷର ସହିତ ରହି ଜୀବନରେ ଯଦି କିଛି ସାର୍ଥକ କାର୍ଯ୍ୟ କରିବାର ଅଛି, ସମାଜର ସେବା ଓ ଆତ୍ମଲାଭ ଅର୍ଜନ କରିବାର ଅଛି, ତାହେଲେ ତାହା 'ସାଦା ଜୀବନ-ଉଚ୍ଚ ବିଚାର' ଆଧାରରେ ସମ୍ଭବ ହୋଇଥାଏ, ଅନ୍ୟଥା ମନୁଷ୍ୟର ଇଚ୍ଛା, କାମନା ଓ ମହତ୍ତ୍ୱାକାଂକ୍ଷାଗୁଡ଼ିକର କୌଣସି ଅନ୍ତ ନାହିଁ ।

ଏଗୁଡ଼ିକୁ ପୂରଣ କରୁ କରୁ ଜୀବନର ସର୍ବସ୍ୱ ଲଗାଇ ଦେଲେ ମଧ ଏଗୁଡ଼ିକ ପୂରଣ ହୋଇ ନଥାଏ । ସବୁ ସମୟ, ମନୋଯୋଗ ଓ ଜୀବନର ଉର୍ଦ୍ଧ୍ୱ ଏଗୁଡ଼ିକରେ ଲାଗିଯାଏ ଏବଂ ସାର୍ଥକ କୁହାଯିବା ଯୋଗ୍ୟ କୌଣସି କାର୍ଯ୍ୟ ସମ୍ଭବ ହୋଇପାରେ ନାହିଁ । ଜୀବନର ଅନ୍ତ ଏକ ଶୂନ୍ୟତା, ଅଭାବ ତଥା ନିରର୍ଥକତାର ବୋଧ ସହିତ ହୋଇଥାଏ । ବହୁମୂଲ୍ୟ ମାନବ ଜୀବନର ଏଭଳି ଦୁଃଖଦ ଅବସାନକୁ ଏକ ଦୁର୍ଘଟଣା କୁହାଯିବ ।

ଏହା ଆଜିର ନୁହେଁ, ପ୍ରତ୍ୟେକ ଯୁଗର କାହାଣୀ ରହି ଆସିଛି । ସେଥିପାଇଁ ଯେତେ ସବୁ ମନୁଷ୍ୟ ମହାନ୍ ଓ ସଫଳ ହୋଇଛନ୍ତି, ଜୀବନରେ କିଛି ସାର୍ଥକ କାର୍ଯ୍ୟ କରିଛନ୍ତି, ସମାଜ ଓ ମାନବତାର ହିତରେ ବହୁମୂଲ୍ୟ ଯୋଗଦାନ ଦେଇଛନ୍ତି, ସେମାନେ ସମସ୍ତେ ଜୀବନର ଏକ ନିର୍ଣ୍ଣାୟକ ମୋଡ଼ରେ ସରଳତା ଓ ସାଦାସିଧା ଭରା ଶ୍ରେଷ୍ଠ ଜୀବନ ଦିଗରେ ମୋଡ଼ିଛନ୍ତି ତଥା ସାଧାରଣ ମନୁଷ୍ୟରୁ ମହାମାନବ, ଦେବମାନବର ଶ୍ରେଣୀରେ ପରିଗଣିତ ହୋଇଛନ୍ତି ।

ଆଜକୁ ଅଢ଼େଇ ହଜାର ବର୍ଷ ପୂର୍ବେ ରାଜକୁମାର ସିଦ୍ଧାର୍ଥ ନିଜର ରାଜସିକ ବୈଭବକୁ ତ୍ୟାଗ କରି ଜଙ୍ଗଲ ଭିତରକୁ ତପ କରିବା ପାଇଁ ଚାଲିଗଲେ ଏବଂ ମହାତ୍ମା ବୁଦ୍ଧ, ଭଗବାନ ବୁଦ୍ଧ ହୋଇ ଶାନ୍ତି, କରୁଣା ଓ ନିର୍ବାଣର ସନ୍ଦେଶ ପ୍ରସାର କରି ପାରିଲେ । ବର୍ତ୍ତମାନ ମହାବୀରଙ୍କ କାହାଣୀ ମଧ ଏହିପରି, ଯିଏ ରାଜସିକ ଥାଟବାଟ ତ୍ୟାଗ କରି ଅହିଂସା ଓ ତପର ମାର୍ଗକୁ ବରଣ କଲେ ଏବଂ ଅନ୍ତତଃ ଜୀବନରେ ପ୍ରସନ୍ନତା, ଶାନ୍ତି ଓ ସମାଧାନ ଆଧାରରେ 'ସାଦା ଜୀବନ-ଉଚ୍ଚ ବିଚାର' ପ୍ରଧାନ ଅହିଂସା ମାର୍ଗର ପ୍ରସାର କଲେ ।

ମଧ୍ୟଯୁଗରେ କବୀର, ନାନକ, ସୁର ଦାସ, ତୁଳସୀଦାସ, ଦାଦୁ, ନାମଦେବଙ୍କ ଭଳି ସନ୍ଥମାନଙ୍କର ପୂରା ଶୃଙ୍ଖଳା 'ସାଦା ଜୀବନ-ଉଚ୍ଚ ବିଚାର'ର ପକ୍ଷଧର ଥିଲା । ଏଇ ଯୁଗରେ ରାମକୃଷ୍ଣ ପରମହଂସ, ମହର୍ଷି ରମଣ ନ୍ୟୁନତମରେ ନିର୍ବାହ କରି ଜୀବନ୍ତ ଉଦାହରଣ ରୂପେ ରହିଛନ୍ତି, ଯାହା ପ୍ରମାଣିତ କରିଥାଏ ଯେ ବାହ୍ୟ ଚାକଚକ୍ୟରେ କିଛି ତତ୍ତ୍ୱ ନାହିଁ, ବାସ୍ତବିକ ସମ୍ପଦ ଆନ୍ତରିକ ଅଟେ, ଯାହା 'ସାଦା ଜୀବନ-ଉଚ୍ଚ ବିଚାର' ସହିତ ଜଡ଼ିତ ।

ବାରିଷ୍ଟର ମୋହନ ଦାସ କରମଚାନ୍ଦ ଗାନ୍ଧିରୁ ମହାତ୍ମା ଗାନ୍ଧି ହେବା ତଥା ଗୋଟିଏ ଆଣ୍ଠୁ ଲୁଚୁ ନ ଥିବା ଧୋତି ପିନ୍ଧି ବ୍ରିଟିଶ ଶାସନ ସହ ଲଢ଼ିବାର କାହାଣୀ ଏହାର ପ୍ରତାପ ବଖାଣି ଥାଏ । ସର୍ଦାର ପଟେଲ ସରଳତାର ପ୍ରତିମୂର୍ତ୍ତି ଥିଲେ, ଯିଏ ନିଜର ଫଟା ବସ୍ତ୍ର ନିଜେ ସିଲେଇ କରୁଥିଲେ । ମହର୍ଷି ଅରବିନ୍ଦ ତାଙ୍କର ପ୍ରାରମ୍ଭିକ ଜୀବନରେ ଇଂଲଣ୍ଡରୁ ଶିକ୍ଷା ଗ୍ରହଣ କରିଥିବା ପ୍ରଚଣ୍ଡ ବିଦ୍ୱାନ୍, ନିଜ ସମୟର ଶୀର୍ଷ ରାଜନୀତିଜ୍ଞ ବିଚାରକ ଓ ନେତା, କଲେଜର ପ୍ରଫେସର ଓ ପ୍ରିନ୍ସିପାଲ ଥିଲେ, କିନ୍ତୁ ତାଙ୍କର ଜୀବନ ସରଳତାର ଦୃଷ୍ଟାନ୍ତ ହୋଇଗଲା ।

ବରୋଦାରେ ସାର୍ବଜନିକ ସେବା ସମୟରେ ଉଚ୍ଚ ପଦରେ ଥାଇ ମଧ ତାଙ୍କୁ ଯେତିକି ବେତନ ମିଳୁଥିଲା, ସେଥିରେ ଘରର ଆବଶ୍ୟକ ସାମଗ୍ରୀ ତଥା ପୁସ୍ତକ ଆଦି କିଣୁଥିଲେ । ବାକି ଧନକୁ ଆବଶ୍ୟକତା ଥିବା ଲୋକମାନଙ୍କ ହିତରେ ନିୟୋଜିତ କରୁଥିଲେ । ସେ ମାନୁଥିଲେ ଯେ ଧନ ଈଶ୍ୱରୀୟ ଦାନ, ତେଣୁ ତାହା ତାଙ୍କରି କାର୍ଯ୍ୟରେ ନିୟୋଜିତ ହେବା ଦରକାର । 'ନିଜ ସକାଶେ ନ୍ୟୁନତମ ଧନ- ସାଧନରେ ନିର୍ବାହ ବ୍ୟବସ୍ଥା ଏବଂ ବାକି ସବୁକୁ ସମାଜ ରୂପୀ ବ୍ରହ୍ମଙ୍କ ନାମରେ ଅର୍ପଣ'– ଏହା ତାଙ୍କର ପ୍ରେରକ ବାକ୍ୟ ଥିଲା ।

ଆବ୍ରାହମ ଲିଙ୍କନ ଆମେରିକାର ରାଷ୍ଟ୍ରପତି ହୋଇ ମଧ ସାଦା ଜୀବନଯାପନ କରୁଥିଲେ, ନିଜ କାମ ନିଜେ କରୁଥିଲେ । ତାଙ୍କ ଘରେ କୌଣସି ଚାକର ନ ଥିଲେ । ଅବଦୁଲ କଲାମ ଏତେ ବଡ଼ ଅନ୍ତରୀକ୍ଷ ବୈଜ୍ଞାନିକ ଏବଂ ଭାରତର ରାଷ୍ଟ୍ରପତି ହୋଇ ମଧ 'ସାଦା ଜୀବନ –ଉଚ୍ଚ ବିଚାର'ର ଉଦାହରଣ ଥିଲେ ଏବଂ ଯେବେ ସେ ଶରୀର ତ୍ୟାଗ କଲେ ତ ଉତ୍ତରାଧିକାରରେ କିଛି ହଳ ପୋଷାକ, ପୁସ୍ତକ ଓ ମେଡାଲ ଆଦି ତାଙ୍କ ପାଖରେ ଥିଲା । ଆମେରିକାର ମନୀଷୀ ସନ୍ଥ ଇମର୍ସନ ଓ ତାଙ୍କର ଶିଷ୍ୟ ଆମେରିକାର ଆଦର୍ଶ ପୁରୁଷ ଥୋରୋ ନ୍ୟୁନତମରେ ନିର୍ବାହ ପୂର୍ବକ ସାଦା ଓ ଶ୍ରେଷ୍ଠ ଜୀବନର ପକ୍ଷଧର ଥିଲେ ।

ଏହିପରି ଭାବରେ 'ସାଦା ଜୀବନ-ଉଚ୍ଚ ବିଚାର' ହେଉଛି ବାସ୍ତବ ଅଧାତ୍ମ ବ୍ୟାବହାରିକ ସ୍ୱରୂପର ସେହି ପକ୍ଷ, ଯାହା ଜୀବନରେ ଆଧାତ୍ମିକତାର ସମାବେଶ ହେବା ଫଳରେ ସହଜରେ ତାହାର ଅଙ୍ଗ ପାଲଟିଯାଏ ଏବଂ ଏଥି ନିମନ୍ତେ ନିଃସନ୍ଦେହ ରୂପେ ସାଧନାତ୍ମକ ସ୍ତରର ତତ୍ତ୍ୱ ଓ ସଂବେଦନଶୀଳତାର ନିର୍ବାହ କରିବାକୁ ପଡ଼େ, ତାପରେ ଯାଇ ଏହା ସମ୍ଭବ ହୋଇପାରେ ।

## ସ୍ୱର୍ବେଦ

**ଜଳ କା ସାଗ ପାସ ହେ, ପପିହା**
**କେ କିସ କାମ ।**
**ବୃନ୍ଦ ଆଶ ଅସମାନ କିୟ, ଭକ୍ତି**
**ଆଶ ଜନ ନାମ ॥୦୭॥**

ଭାଷ୍ୟ - ଶିକାରୀର ବାଣରେ ଆହତ ହୋଇ ଚକୋର ପାଣିରେ ପଡ଼ିଗଲେ ସୁଦ୍ଧା ସେ ନିଜର ମୁହକୁ ବନ୍ଦ କରିଦିଏ ମାତ୍ର ଜଳକୁ ପାନକରେ ନାହିଁ । ସେହି ଜଳ ତାହାର କୌଣସି କାର୍ଯ୍ୟକୁ ନୁହେଁ, ସେ ସ୍ୱାତୀର ଜଳକୁ ପାନ କରି ହିଁ ସନ୍ତୁଷ୍ଟ ହେବ । ସେହି ପ୍ରକାର ସଂସାରର ସମସ୍ତ ସୁଖ, ଐଶ୍ୱର୍ଯ୍ୟ ପ୍ରଭୁ ଅନୁରାଗୀ ଭକ୍ତମାନଙ୍କ ପାଖରେ ଅଛି, ତେବେ ସେମାନେ ଏହି ମାୟା ସଂସାରର ସୁଖ ବିଳାସ କରିବେ କଣ ? ସେମାନଙ୍କୁ ତ ଚେତନ ଅମୃତ, ସତ୍ୟନାମର ଆଶା ଅଛି, ସେଥିରେ ସେମାନେ ନିଜର ଶରୀର, ମନ ଓ ଜୀବନ ଲଗାଇ ଦେଇଛନ୍ତି । ଯେମିତି, ଆକାଶରେ ସ୍ୱାତୀ ଜଳର ଆଶା ଚକୋରକୁ ଲାଗି ରହିଥାଏ, ସେହି ପ୍ରକାର ଅନୁରାଗୀ ଭକ୍ତଙ୍କୁ ଚେତନ ଆଶାର ଅମୃତ ପ୍ରବାହର ଆଶା ସର୍ବଦା ଲାଗି ରହିଥାଏ । ସେହି ଅମୃତ ପ୍ରବାହକୁ ପ୍ରାପ୍ତକରି ସେ କୃତକୃତ୍ୟ ହୋଇଯାଏ ।

**ତନ ମନ କୀ ଚିନ୍ତା ନହିଁ, ଜିଓ୍ୱନ**
**ମୃତ୍ୟୁ ଭୟ ନାହିଁ ।**
**ଓ୍ୱିହଓ୍ୱଲ ମନ ପ୍ରଫୁଲ୍ଲ ତନ,**
**ସୁରତି ଲଗୀ ପିଓ୍ୱ ମାହିଁ ॥୦୮॥**


ଭାଷ୍ୟ - ଅନୁରାଗୀ, ପ୍ରଭୁଭକ୍ତକୁ ନିଜ ଶରୀର କିମ୍ବା ମନର ଚିନ୍ତା ରହେ ନାହିଁ । ତା ପାଖରେ ଜୀବନ ଆଉ ମୃତ୍ୟୁ ପାଇଁ ଭୟ କଣ ? ମନ ସର୍ବଦା ପ୍ରଭୁ ପ୍ରାପ୍ତି ନିମନ୍ତେ ବ୍ୟାକୁଳ ଆଉ ଶରୀର ପ୍ରଫୁଲ୍ଲିତ ରହିଥାଏ ତଥା ସୁରତି ସେହି ପରମ ପୁରୁଷଙ୍କ ନିକଟରେ ସଦା ଲାଗି ରହିଥାଏ ।

**ଭକ୍ତି କେ ରଙ୍ଗ ସୁରଙ୍ଗ ହେ, ତନ**
**ମନ ଫୂଲ ଗୁଲାବ ।**
**ଭୀତର ବାହର ଭୀନଈ, ସୁଖୀ**
**ଶାନ୍ତି ମୟ ଆବ ॥୦୯॥**

ଭାଷ୍ୟ - ଭକ୍ତିର ରଙ୍ଗ ଅତ୍ୟନ୍ତ ସୁନ୍ଦର ଅଟେ, ସେହି ରଙ୍ଗ ଥରେ ଚଢ଼ିଗଲେ ଶରୀର ମନ ଏବଂ ଚିତ୍ତ ଗୋଲାପ ଫୁଲ ପରି ସୁନ୍ଦର, ସୁଶୋଭିତ ହୋଇଯାଏ । ଭକ୍ତିର ଆଭା ଆସିଗଲା ପରେ ଭିତର ଏବଂ ବାହାର ଏକରସ ସୁଖ ଶାନ୍ତି ଆଉ ଆନନ୍ଦ ପୂର୍ଣ୍ଣ ରୂପରେ ପ୍ରାପ୍ତ ହୋଇଯାଏ ।

**ଶୁଦ୍ଧ ସ୍ୱରୂପ ପ୍ରକାଶ ମେଁ, ଶୁଦ୍ଧ**
**ଭକ୍ତି ତବ ହୋୟ ।**
**ଚେତନ କିରଣ ସମେଟ କର,**
**ଏକ କଶା ମୟ ସୋୟ ॥୧୦॥**

ଭାଷ୍ୟ - ଆତ୍ମା ଶୁଦ୍ଧ ରୂପରେ ଆସିଯିବା ଦ୍ୱାରା ନିଜର ଚେତନ ଶୁଦ୍ଧସ୍ୱରୂପରୁ ଭକ୍ତି ହୋଇଥାଏ । ଆତ୍ମା ନିଜର ଚେତନଶକ୍ତିକୁ ମନ, ଇନ୍ଦ୍ରିୟାଦିରୁ ଟାଣିଆଣି କେବଳ ଶବ୍ଦରେ କେନ୍ଦ୍ରୀଭୂତ କରେ । ଶବ୍ଦ ଅତିରିକ୍ତ ଅନ୍ୟ କାହା ସହିତ ସମ୍ବନ୍ଧ ରଖେ ନାହିଁ । ଏହା ଶୁଦ୍ଧ ଭକ୍ତିର ଲକ୍ଷଣ ଅଟେ । ଶବ୍ଦ, ନାମ ଏବଂ




ସତ୍‌ପୁରୁଷ ଏକ ଅର୍ଥରେ ସମାନାର୍ଥ ବୋଧକ ଶବ୍ଦ ଅଟନ୍ତି ।

**ସୁରତି ନିରନ୍ତର ଶବ୍ଦ ମେଁ,**
**ଲଗନ ମଗନ ରହ ଜୋୟ ।**
**ଔର ଦୃଶ୍ୟ ଭାସେ ନହିଁ, ଭକ୍ତି**
**କହାଓ୍ୱେ ସୋୟ ॥୧୧॥**

ଭାଷ୍ୟ - ଆତ୍ମାର ଚେତନଶକ୍ତି ସର୍ବଦା ଶବ୍ଦରେ ଲାଗି ରହିଥାଏ । ଶବ୍ଦ ଅତିରିକ୍ତ ଆଉ କୌଣସି ପଦାର୍ଥ ଅଥବା ଦୃଶ୍ୟମାନ ହୁଏନାହିଁ । ଆତ୍ମା ସମ୍ମୁଖରେ ଚେତନସତ୍ତାର ହିଁ ଅନୁଭବ ରହିଥାଏ, ଏହାକୁ ଭକ୍ତି କହନ୍ତି ।

**ଭକ୍ତ ଭାଓ୍ୱ ପ୍ରଭୁ ମେଁ ରହେ, ମନ**
**ମେଁ ଅଓ୍ୱର ନ କୋୟ ।**
**ପ୍ରଭୁ ସ୍ୱରୂପ ନିରଖତ ରହେ, ଅହି**
**ମଣି ଇଓ୍ୱ ରତ ସୋୟ ॥୧୨॥**

ଭାଷ୍ୟ - ପ୍ରଭୁ ଭକ୍ତର ପ୍ରେମ ପ୍ରଭୁଙ୍କଠାରେ ରହୁ ଏବଂ ମନରେ ପ୍ରଭୁ ଅତିରିକ୍ତ ଅନ୍ୟ କେହି ନ ରହୁ । ସେ ମଣିଧାରୀ ସର୍ପ ସମାନ ପ୍ରେମରତ ହୋଇ, ତାହାରି ସ୍ୱରୂପକୁ ସର୍ବଦା ଦେଖୁଥାଏ । ଏହା ଭକ୍ତିର ସ୍ୱରୂପ ଅଟେ ।

**ଜୀଓ୍ୱନ ପ୍ରଭୁ କେ ସାଥ ହେ,**
**ମରଣ ପ୍ରଭୁ କେ ମାହିଁ ।**
**ଏକ ଆଶ ନିଜ ଦେଓ୍ୱ କୀ,**
**ସୁମିରନ ପଲ ପଲ ମାହିଁ ॥୧୩॥**

ଭାଷ୍ୟ - ଜୀବନ ପ୍ରଭୁଙ୍କ ସହିତ ରହିଛି ଅର୍ଥାତ୍ ପ୍ରଭୁ ହିଁ ଜୀବନ ଅଟନ୍ତି ଏବଂ ତାଙ୍କର ଅନ୍ତ ପ୍ରଭୁଙ୍କର ଅଧୀନ ରହିଛି । ଏକମାତ୍ର ସେହି ପ୍ରଭୁଙ୍କର ହିଁ ଆଶା ଅଛି, ଯାହାର ପ୍ରତି କ୍ଷଣ ହୃଦୟରେ ସ୍ମରଣ ହେଉଅଛି ।

**ଜଡ଼ ହଟାୟ ଚେତନ ରହେ,**
**ଚେତନ ଚେତନ ଲାଗ ।**
**ଭକ୍ତ ଭକ୍ତି ଯହ ଓ୍ୱିମଲ ହେ, ମିଲେ**
**ଜାହି ବଡ଼ ଭାଗ ॥୧୪॥**

ଭାଷ୍ୟ - ଆତ୍ମା, ଜଡ଼ ଅନାତ୍ମ ଜଗତକୁ ଛାଡ଼ି ଶୁଦ୍ଧ ଚେତନ ସ୍ୱରୂପରେ ଚେତନ ପରଂବ୍ରହ୍ମଙ୍କର ସମ୍ବନ୍ଧ କରିଥାଏ । ଏହା ଭକ୍ତର ପବିତ୍ର ଭକ୍ତି ଅଟେ, ଯାହା ଅନେକ ଜନ୍ମର ପୁରୁଷାର୍ଥରୁ ଏବଂ ଗୁରୁ କୃପାରୁ ପ୍ରାପ୍ତ ହୁଏ ।

**ଗୋ ମନ ତନ ସେ ଭକ୍ତି ନହିଁ,**
**ଯହ ସବ ଜଗ କର କର୍ମ ।**
**କର୍ମ ପାଶ ଜିଓ୍ୱ ପାଶିୟା, ଜନ୍ମ**
**ମରଣ ଦୁଖ ଧର୍ମ ॥୧୫॥**

ଭାଷ୍ୟ - ଶରୀର, ମନ ଏବଂ ଇନ୍ଦ୍ରିୟରୁ ଭକ୍ତି ହୋଇ ନ ଥାଏ, ଏମାନଙ୍କର ଦ୍ୱାରା ସଂସାରର କର୍ମ ହୋଇଥାଏ । ଯାହାଦ୍ୱାରା ଜୀବ କର୍ମର ବନ୍ଧନରେ ଫସିଯାଏ ଆଉ ଜନ୍ମ ମରଣ ଦୁଃଖକୁ ପ୍ରାପ୍ତ କରେ । ଶରୀର, ମନ ଆଉ ଇନ୍ଦ୍ରିୟାଦି ଦ୍ୱାରା କର୍ମ ହୋଇଥାଏ, ଭକ୍ତି ହୁଏ ନାହିଁ । ଭକ୍ତି ଶୁଦ୍ଧ ଚେତନ ଆତ୍ମା ଦ୍ୱାରା ହୋଇଥାଏ । ଆତ୍ମା ହିଁ ଭକ୍ତି କରେ, ଅନ୍ତଃକରଣ ଅଥବା ଶରୀର ନୁହଁ ।

**ସଦ୍‌ଗୁରୁ ଶରଣାଗତ ବିନା,**
**ସୁମିରନ ଭଜନ ନ ହୋୟ ।**
**ପାଶେ କର୍ମ ଓ୍ୱିଡ଼ମ୍ବନା, ମନ**
**ମାୟା ଘର ସୋୟ ॥୧୬॥**

ଭାଷ୍ୟ - ସଦ୍‌ଗୁରୁ ଶରଣରେ ହିଁ ସ୍ମରଣ, ଭଜନ ହୋଇଥାଏ, ସ୍ୱତନ୍ତ୍ର ମନମୁଖୀ ହେବା ଦ୍ୱାରା ଜୀବ ମୋହ ଓ କର୍ମ ବନ୍ଧନରେ ପଡ଼ି ଆଧ୍ୟାତ୍ମିକ ଜୀବନରୁ ପତିତ ହୋଇଯାଏ ଓ ତାହାର ମନମୁଖୀ ସମସ୍ତ କାର୍ଯ୍ୟ ମନ ମାୟାର ଆବେଗରେ ହୋଇଥାଏ । ସେଥିପାଇଁ ସେହି ସ୍ୱତନ୍ତ୍ରଗାମୀ ବ୍ୟକ୍ତିକୁ ସୁଖ ଶାନ୍ତି ପ୍ରାପ୍ତି ହୁଏନାହିଁ ।

**ନିର୍ମଳ ଗଙ୍ଗା ଭକ୍ତି କୀ, ବହ ଉର**
**ଅନ୍ତର ମାହିଁ ।**
**ପ୍ରେମ ଘାଟ ମଜ୍ଜନ କରେ, ତ୍ରିଓ୍ୱିଧ**
**ତାପ ନଶି ଜହିଁ ॥୧୭॥**

ଭାଷ୍ୟ - ଭକ୍ତିରୂପୀ ପବିତ୍ର ଗଙ୍ଗା ହୃଦୟରେ ପ୍ରବାହିତ ହେଉଅଛି । ସୁଷୁମ୍ନାତୀତ ସଦ ସ୍ନାନ କଲେ ପ୍ରକୃତିର ତ୍ରିତାପ ନଷ୍ଟ ହୋଇଯାଏ ।

**ଭକ୍ତି ଭାଓ୍ୱ ଅନ୍ତର ଚଲେ, ବାହର**
**ହୋୟ ସୋ କର୍ମ ।**
**ଭକ୍ତି ଭେଷ ଭୂଷଣ ନହିଁ, ଭେଷ**
**ଚିହ୍ନ ଜଗ ଭର୍ମ ॥୧୮॥**

ଭାଷ୍ୟ - ଆତ୍ମା ଦ୍ୱାରା ଭକ୍ତି ହୋଇଥାଏ ଏବଂ ବାହାର ଇନ୍ଦ୍ରିୟମାନଙ୍କ ଦ୍ୱାରା କର୍ମ ହୋଇଥାଏ । ବାହ୍ୟ ପରିପାଟୀ, ପ୍ରତୀକ ଆଦି ସଂସାରର ଅଜ୍ଞାନ ଭ୍ରମ ସ୍ୱରୂପ ଅଟନ୍ତି । ଭକ୍ତି ଆଉ ବାହ୍ୟ ସଂସାରୀ ଭେଷ ସହିତ ଆତ୍ମାର କୌଣସି ସମ୍ବନ୍ଧ ନାହିଁ । ବ୍ରହ୍ମବିଦ୍ୟା ଯୋଗ ଏବଂ ଅନୁଭବ ପଥକୁ ଅନ୍ତରଙ୍ଗ ଭାବରେ ସହଜ ଯୋଗୀ ଜାଣନ୍ତି ।

**ଭକ୍ତି ତଦନ୍ତର ପ୍ରେମ ହେ, ବାହର**
**ସେ କ୍ୟା କାମ ।**
**ରୋମ ରୋମ ଭୀନା ରହେ,**
**ନିଶିଦିନ ଆଠୋ ଯାମ ॥୧୯॥**

ଭାଷ୍ୟ - ଭକ୍ତି ଆତ୍ମାର ବିଷୟ ଅଟେ । ତାହା ଅନ୍ତରଙ୍ଗ ପ୍ରେମରୁ ହୋଇଥାଏ । ବାହ୍ୟ ଭେଷ ଏବଂ କର୍ମ ସହିତ ତାହାର କୌଣସି ସମ୍ପର୍କ ନ ଥାଏ । ଯେତେବେଳେ ଭକ୍ତି ପ୍ରାପ୍ତ ହୁଏ, ସେତେବେଳେ ସହଜ ଯୋଗୀ ରାତି ଦିନ ଏବଂ ପ୍ରତି ମୁହୂର୍ତ୍ତ ଏକ ସ୍ୱରୂପରେ ସେହି ରଙ୍ଗରେ ରଙ୍ଗେଇ ହୋଇଯାଏ ଏବଂ ସେ ସେଥିରେ ଲୀନ ହୋଇ ଊର୍ଦ୍ଧ୍ୱମୁଖୀ ହୋଇ ଶାନ୍ତ ତଥା ସନ୍ତୁଷ୍ଟ ହୋଇଯାଏ ଏବଂ ଯୋଗାଗ୍ନିରେ ପ୍ରଦୀପ୍ତ ଯୋଗୀ ମହାନ ତେଜରେ ପରିପୂର୍ଣ୍ଣ ହୋଇ ଦେଦୀପ୍ୟମାନ ହୋଇଯାଆନ୍ତି । ଏହାକୁ ରୋମ ରୋମରେ ଏବଂ ପ୍ରତିଟି ଅଙ୍ଗରେ ତଲ୍ଲୀନ ବୋଲି ଅଭିହିତ କରାଯାଇଛି ।

**ଭକ୍ତ ଭକ୍ତି ନିଷ୍କାମ ହେ, ନିଶିଦିନ**
**ରହ ଗଲତାନ ।**
**ଚାରୋଁ ଫଲ ଇଚ୍ଛା ନହିଁ, ଶୀତଲ**
**ଶାନ୍ତି ନିଧାନ ॥୨୦॥**

ଭାଷ୍ୟ - ନିଷ୍କାମ ଭକ୍ତ ନିଜର ଚେତନ ସହଜ ଭକ୍ତିରେ ନିଶିଦିନ ଲାଗି ରହିଥାଏ । ତାହାକୁ ଚତୁର୍ବର୍ଗ ଫଳପ୍ରାପ୍ତିରେ ଇଚ୍ଛା ନ ଥାଏ, ସେ ସୋମରସର ଆନନ୍ଦକୁ ପାନ କରି ଶୀତଳତା ଓ ଶାନ୍ତି ଲାଭ କରିଥାଏ ।

**ଦର୍ଶ ଦିଓ୍ୱାନା ହୋ ରହା, ଅବ କଛୁ**
**କାଂକ୍ଷା ନାହିଁ ।**
**ଚାରୋ ଫଲ ପୀଛେ ଫିରେ, ଭକ୍ତି**
**ଲଗନ ଉର ମାହିଁ ॥୨୧॥**

ଭାଷ୍ୟ - ଅନୁଭବ ପ୍ରକାଶରେ ପାଗଳ ଯୋଗୀ, ଭକ୍ତି ଅନୁରାଗରେ ସର୍ବଦା ବୁଡ଼ି ରହିଥାଏ । ତାକୁ ସଂସାରର କୌଣସି ଭୋଗର ଇଚ୍ଛା ନ ଥାଏ । ଚତୁର୍ବର୍ଗ ଫଳ ସେହି ମହାତ୍ୟାଗୀ ସୋମରସ ପ୍ରବାହୀ ଯୋଗୀର ଅନୁଧାବନ କରୁଥାନ୍ତି ।

**ଭକ୍ତ ଭକ୍ତି ଓ୍ୱର ମାଁଗଈ, ମୁକ୍ତି ନ**
**ଛାଡ଼େ ସାଥ ।**
**ଅନ ଇଚ୍ଛିତ ଲାଗି ରହେ, ଭକ୍ତି**
**ପ୍ରତାପ ସନାଥ ॥୨୨॥**

ଭାଷ୍ୟ - ଭକ୍ତ ପ୍ରଭୁଙ୍କ ଠାରୁ ଭକ୍ତିର ବରଦାନ ମାଗିଥାଏ । ଭକ୍ତି ଅତିରିକ୍ତ ଅନ୍ୟ କୌଣସି ବସ୍ତୁ ତାକୁ ଲୋଡ଼ା ନାହିଁ । ତାକୁ ଭକ୍ତିର ପ୍ରତାପରୁ ବିନା ଇଚ୍ଛାରେ ମୁକ୍ତି ଲାଗି ରହିଥାଏ, ନିଷ୍କାମ ଭକ୍ତକୁ କଦାପି ତିଳେମାତ୍ର ଛାଡ଼ି ଯାଏନାହିଁ ।

**ଭକ୍ତ ଭକ୍ତି ମେଁ ରତ ରହେ, ନହୀଁ**
**ମୋକ୍ଷ ସେ କାମ ।**
**ପୂରଣ ଧନି ପୂରଣ ମିଲେ, ହେଁ**
**ସବ ପୂରଣ କାମ ॥୨୩॥**

ଭାଷ୍ୟ - ଭକ୍ତ ନିଜର ଭକ୍ତିରେ ସର୍ବଦା ରତ ରହିଥାଏ । ତାକୁ ମୁକ୍ତିର କଣ ପ୍ରୟୋଜନ ? ଯେତେବେଳେ ପୂର୍ଣ୍ଣଧନୀ ପରମପ୍ରଭୁ ପୂର୍ଣ୍ଣ ରୂପରେ ପ୍ରାପ୍ତ ହୋଇଯାଇଛନ୍ତି, ସେତେବେଳେ ତା'ର ସମସ୍ତ କାମନା ପୂରଣ ହୋଇଯାଇଛି । ଏବେ ତାକୁ ଆଉ କ'ଣ ଲୋଡ଼ା ? ପ୍ରଭୁପ୍ରାପ୍ତି, ପରମାନନ୍ଦଙ୍କର ଉପଲବ୍ଧି ହିଁ ମୁକ୍ତି ଅଟେ । ପ୍ରଭୁପ୍ରାପ୍ତିରୁ ହିଁ ଜନ୍ମ ମରଣର ଚକ୍ରରୁ ମୁକ୍ତି ମିଳେ ଆଉ ଜୀବ ତ୍ରିତାପ ଦୁଃଖରୁ ମୁକ୍ତି ଲାଭକରି ବିମୁକ୍ତ ହୋଇଯାଏ ।

**ବିନା ଜ୍ଞାନ ନହିଁ ଭକ୍ତି ହେ, ଜ୍ଞାନ**
**ଭକ୍ତି କା ପ୍ରାନ ।**
**ଓ୍ୱୀତରାଗ ମେଁ ଭକ୍ତି ହେ, ଭକ୍ତି ନ**
**ହୋ ଅଜ୍ଞାନ ॥୨୪॥**

ଭାଷ୍ୟ - ବିବେକ ଦ୍ୱାରା ହିଁ ସମସ୍ତ ପଦାର୍ଥର ଜ୍ଞାନ ହୋଇଥାଏ । ଜ୍ଞାନ ବିନା କୌଣସି କାର୍ଯ୍ୟ ସରଳ ଭାବରେ ସଫଳ ହୋଇପାରେ ନାହିଁ । ସେଥିପାଇଁ ଜ୍ଞାନ ବିନା ଭକ୍ତି ମଧ୍ୟ ହୋଇ ନ ଥାଏ । ଜ୍ଞାନ ହିଁ ଭକ୍ତିର ପ୍ରାଣ, ଜୀବନ ଅଟେ । ବିଷୟ ବାସନାରୁ ମୁକ୍ତ ହେବା ବୈରାଗ୍ୟ ଅଟେ । ବିଷୟ ଭୋଗରୁ ଶୂନ୍ୟ ହୋଇ ବୈରାଗ୍ୟବାନ ପୁରୁଷ ହିଁ ଭକ୍ତିକୁ ଲାଭ କରିଥାଏ । ଅଜ୍ଞାନ ଆଉ ମୋହରେ ଭକ୍ତି ହୋଇ ନ ଥାଏ । ପୂର୍ଣ୍ଣ ଜ୍ଞାନ, ବୈରାଗ୍ୟଶୀଳ ପୁରୁଷ ହିଁ ଭକ୍ତିର ମହାନ ସୁଖକୁ ପୂର୍ଣ୍ଣ ରୂପରେ ପ୍ରାପ୍ତ କରିଥାଏ ।

## ମହୌଷଧ ମିଶ୍ରି



ମିଶ୍ରି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ । ଏହା ଖାଲି ପେଟ ଥଣ୍ଡାକରେ ତାହା ନୁହେଁ ବରଂ ଓଜନ କମ୍ କରିବା ସହିତ ଏହା ମଧ ଡାଇରିଆ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ ।

ମିଶ୍ରି କଠିନ ହୋଇଥିବାରୁ ଏହାକୁ ଇଂରାଜୀରେ ରକ୍ ସୁଗାର କହିଥାନ୍ତି ।

ଠାକୁରଙ୍କ ନିକଟରେ ଭୋଗ ରୂପେ ବ୍ୟବହାର କରାଯାଇଥାଏ । କ୍ଷୀରରେ ମିଶ୍ରି ପକାଇ ଅଭିଷେକ କଲେ ଦେବ ମହାଦେବ ସନ୍ତୁଷ୍ଟ ଲାଭ କରିଥାନ୍ତି ।

ଓଜନ କମ କରିବାକୁ ଚାହୁଁଥିଲେ ନିୟମିତ ମିଶ୍ରି ବ୍ୟବହାର କରନ୍ତୁ । କୁହାଯାଏ ମିଶ୍ରି ଓ ପାନମଧୁରି ସମାନ ମାତ୍ରାରେ ପାଉଡର କରି ନିୟମିତ ଏକ ଚାମଚ ଖାଇବା ଦ୍ୱାରା ଓଜନ ନିୟନ୍ତ୍ରିତ ହୋଇଥାଏ ।

ପାଚନ କ୍ରିୟାରେ ସୁଧାର ଆଣିବା ଲାଗି ମିଶ୍ରିର ଉପଯୋଗ କରିବା ବହୁତ ଭଲ ।

ରକ୍ତହୀନତା ଦୂର କରିବାରେ ମିଶ୍ରି ଖୁବ ଲାଭଦାୟକ । ଏହାକୁ ଖାଇବା ଦ୍ୱାରା ହିମୋଗ୍ଲୋବିନ୍ ସ୍ତରରେ ସୁଧାର ଆସିଥାଏ । ରକ୍ତହୀନତା ରୋଗରୁ ମୁକ୍ତି ପାଇବା ଲାଗି ଆୟୁର୍ବେଦିକ ଔଷଧ ତ୍ରିଫଳା ଆଦିରେ ମିଶ୍ରିକୁ ବ୍ୟବହାର କରିବା ଫଳରେ ବିଶେଷ ଲାଭ ମିଳିଥାଏ ।

ମିଶ୍ରି ଓ ଚିନିରେ ଅନରିଫାଇନଡ ଗୁଣ ଭରି ରହିଛି । ଏହି କାରଣରୁ ଚିନିରେ ମିଳୁଥିବା ସୁକ୍ରୋଜରେ ଉତ୍ତମ ମାତ୍ରାରେ ମିଶ୍ରି ମିଳିଥାଏ । ଏହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ ।

ଆୟୁର୍ବେଦରେ ମିଶ୍ରିକୁ ଏକ ପ୍ରାକୃତିକ ଔଷଧ ଭାବେ ବ୍ୟବହାର କରାଯାଇଥାଏ । କୁହାଯାଏ ମିଶ୍ରିକୁ ଗରମ କ୍ଷୀର ସହିତ ମିଶାଇ ପିଇବା ଦ୍ୱାରା ମସ୍ତିଷ୍କ ବିକାଶ ଘଟିବା ସହିତ ସ୍ମୃତିଶକ୍ତି ବୃଦ୍ଧି ପାଇଥାଏ ।

## ଟିକିଏ ହସନ୍ତୁ

ପପୁ ମଣ୍ଟୁକୁ: ସବୁ ନୋଟ୍‌ରେ ଗାନ୍ଧିଜୀଙ୍କ ହସୁଥିବା ଚେହେରାର ଫଟୋ କ'ଣ ପାଇଁ ଅଛି ?
ମଣ୍ଟୁ: ବୋକା, ଏତିକି ଜାଣିନୁ ? କାନ୍ଦିବା ଫଟୋ ରଖିଥିଲେ ନୋଟ୍ ଓଦା ହୋଇଯାଇ ନ ଥାଆନ୍ତା ।

× × × ×

ଗୋଲୁ: ବାପା ଓ୍ୱାଇଫର୍ ଅର୍ଥ କ'ଣ ?
ବାପା: ଭଲରେ ବୁଝେଇକି କହୁଛି ଶୁଣ । ଓ୍ୱାଇଫର୍ ଅର୍ଥ ହେଉଛି ଉଇଦ୍ ଆଉଟ୍ ଇନଫରମେସନ୍ ଫାଇଟି ଏଭରିଟାଇମ୍ ।

× × × ×

ସ୍ତ୍ରୀ ସ୍ୱାମୀଙ୍କୁ: ହେଇ ଦେଖିଲ, ମୁଁ ତମ ପାଇଁ ଗୋଟେ ଟି- ସର୍ଟ ଆଣିଛି ।
ସ୍ୱାମୀ: କେତେ ଟଙ୍କା ପଡିଲା ?
ସ୍ତ୍ରୀ: ମାଗଣାରେ ଆଣିଛି ।
ସ୍ୱାମୀ: ଆରେ ବାଃ ବଢ଼ିଆ । ହେଲେ ଏମିତି କେମିତି ମିଳିଗଲା ?
ସ୍ତ୍ରୀ: ଶପିଂ ମଲରେ ଦେଖିଲି ୮୦୦୦ ଟଙ୍କାର ଶାଢ଼ୀରେ ଏଇ ସୁନ୍ଦର ଟି-ସର୍ଟ ଟା ଫ୍ରି ମିଳୁଛି । ଭାବିଲି ଏତେ ଭଲ ଟି - ସର୍ଟ ହାତଛଡ଼ା କେମିତି କରିବି । ସେଥିପାଇଁ ଶାଢ଼ୀଟା କିଣିଦେଲି ।



× × × ×

ଗୋପୀ ନୂଆ ଢ଼ାବା ଖୋଲିଥାଏ ।
ଗ୍ରାହକ ଗୋପୀକୁ: ମୋ ଚା'ରେ ମାଛି ମରିକି ଭାସୁଛି ।
ଗୋପୀ: ମୁଁ କ'ଣ କରିପାରିବି ? ମୁଁ ଢ଼ାବା ସମ୍ଭାଳିବି ନା ମାଛିଙ୍କୁ ପହଁରା ଶିଖେଇବି ।

× × × ×

ଛାଡ଼ପତ୍ର କେସରେ କୋର୍ଟ ସ୍ୱାମୀଙ୍କୁ ଆଦେଶ ଦେଲେ : ତୁମକୁ ତୁମର ଅଧା ଦରମା ସ୍ତ୍ରୀଙ୍କୁ ଦେବାକୁ ପଡିବ ।
ଏହା ଶୁଣି ସ୍ୱାମୀ ଖୁସିରେ ଉଚ୍ଛୁଳି ପଡିଲେ ।
ଜଜ୍ ଆଶ୍ଚର୍ଯ୍ୟ ହୋଇ: ଅଧା ଦରମା ଚାଲିଯିବ । ତଥାପି ଖୁସି ।
ସ୍ୱାମୀ: ଆଗରୁ ପୁରା ପଳଉଥିଲା । ଏବେ ଅଧା ଯିବ । ଖୁସି ହେବିନି ।

× × × ×

ରାଜେଶ: ସ୍ତ୍ରୀର ମେକ୍‌ଅପ୍‌ର ଖର୍ଚ୍ଚକୁ ମୁଁ ଆଉ ସହି ପାରୁନି ।
ଗୋବିନ୍ଦ: ତା'ହେଲେ ମେକ୍‌ଅପ୍ ସାମଗ୍ରୀ କିଣିବା ବନ୍ଦ କରି ଦେଉନୁ ।
ରାଜେଶ: ସେଇଟା ବି କରି ପାରିବିନି ।
ଗୋବିନ୍ଦ: କାହିଁକି ?
ରାଜେଶ: କାରଣ ତା' ବିନା ମେକ୍‌ଅପ୍‌ର ଚେହେରାକୁ ମୁଁ ଦେଖି ପାରିବିନି ।

## ଲିଚୁର ଉପକାରିତା

ଲିଚୁ କୋଳି ଦେଖିବାକୁ ଯେପରି ସୁନ୍ଦର, ଖାଇବାକୁ ସେପରି ସ୍ୱାଦିଷ୍ଟ । ଖରାଦିନେ ଏହି କୋଳିର ଚାହିଦା ବି ରହିଛି । ପେଟକୁ ଥଣ୍ଡା ଆଉ ଶରୀର ପାଇଁ ମଧ୍ୟ ପୁଷ୍ଟିକର । କେହି କେହି ଏହାକୁ ଫଳଙ୍କ ମଧ୍ୟରେ ରାଣୀ ବୋଲି କହିଥାନ୍ତି । ଗହଳ ସବୁଜ ପତ୍ର ଭିତରେ ଲାଲ୍ ରଙ୍ଗର ଲିଚୁ ଖୁବ୍ ଆକର୍ଷଣୀୟ । ପ୍ରଥମ ଶତାବ୍ଦୀ ବେଳକୁ ଦକ୍ଷିଣ ଚୀନରେ ଦେଖା ଯାଉଥିବା ଏହି ବୃକ୍ଷଟି ଏବେ ଥାଇଲାଣ୍ଡ, ବାଂଲାଦେଶ, ଉତ୍ତର ଭାରତ, ଦକ୍ଷିଣ ଆଫ୍ରିକା, ଫ୍ଲୋରିଡ଼ା ପରି ବହୁ ସ୍ଥାନରେ ଦେଖିବାକୁ ମିଳୁଛି । ପିଲାଠାରୁ ବଡ଼ ଯାଏଁ ସମସ୍ତଙ୍କ ପାଇଁ ଏହା ଏକ ପସନ୍ଦଯୋଗ୍ୟ ଫଳ । ଏଥିରୁ କାର୍ବୋହାଇଡ୍ରେଟ୍, ଭିଟାମିନ୍ ସି, ଭିଟାମିନ୍ ଏ ଏବଂ ବି-କମ୍ପ୍ଲେକ୍ସ, ପୋଟାସିୟମ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସ୍ଫରସ୍, ଲୌହ ପରି ଖଣିଜ ଲବଣ ମିଳିବା ସହ ଏହା ଶରୀରକୁ ସୁସ୍ଥ ରଖିଥାଏ ।

ଲିଚୁରେ ଥିବା ପୋଟାସିୟମ୍ ଏବଂ ତମ୍ବା ହୃଦରୋଗରୁ ରକ୍ଷା କରିଥାଏ । ଏହା ହୃଦ୍‌ସ୍ପନ୍ଦନର ଅନିୟମିତତା ଦୂର କରି ସ୍ୱାଭାବିକ କରିଥାଏ । ରକ୍ତଚାପକୁ ନିୟନ୍ତ୍ରିତ ରଖିଥାଏ । ତେଣୁ ହୃଦଘାତର ସମ୍ଭାବନା ହ୍ରାସ ପାଇଥାଏ । ଏଥିରୁ ମିଳୁଥିବା କ୍ୟାଲସିୟମ୍, ଫସ୍ଫରସ ଏବଂ ମ୍ୟାଗ୍ନେସିୟମ୍ ପିଲାମାନଙ୍କ ବିକାଶ ପାଇଁ ଖୁବ୍ ଆବଶ୍ୟକ । ଏହା ଅଷ୍ଟିଓପୋରୋସିସ୍ ପରି ହାଡ଼ର ସମସ୍ୟାକୁ ଦୂର କରେ ।

ଗବେଷଣାରୁ ଜଣାଯାଇଛି ଯେ, ଭିଟାମିନ୍ ସି'ରେ ଭରପୁର ଲିଚୁରେ କର୍କଟ (ବିଶେଷ କରି ସ୍ତନ କର୍କଟ) ପ୍ରତିରୋଧୀ ତତ୍ତ୍ୱ ଭରି ରହିଛି । ଏହାର ନିୟମିତ ସେବନ ଦ୍ୱାରା ଶରୀରରେ କର୍କଟ କୋଷିକାଗୁଡ଼ିକ ଆଉ ବୃଦ୍ଧି ପାଏ ନାହିଁ । ଲିଚୁରେ ମଧ୍ୟ ରହିଛି ଆଣ୍ଟିଅକ୍ସିଡାଣ୍ଟ । ଏଥିରେ ଥିବା ଭିଟାମିନ୍ ସି' ଆମ ଶରୀରର ରକ୍ତ କୋଷିକାର ନିର୍ମାଣ ସହ ଲୌହ ଅବଶୋଷଣରେ ସହାୟତା କରିଥାଏ ।

ଲିଚୁରେ ଥିବା ବିଟା କେରୋଟିନ୍,



ରାଇବୋଫ୍ଲୋଭିନ୍, ନିୟାସିନ୍ ଏବଂ ଫୋଲେଟ୍ ପରି ଭିଟାମିନ୍ ବି' ଲାଲ୍ ରକ୍ତକୋଷିକାର ନିର୍ମାଣ ସହ ସୁସ୍ଥ ପାଚନ ପ୍ରକ୍ରିୟା ପାଇଁ ଆବଶ୍ୟକ । ଫୋଲେଟ୍ ଆମ ଶରୀର କୋଲେଷ୍ଟ୍ରଲ୍ ସ୍ତରକୁ ନିୟନ୍ତ୍ରିତ ରଖିଥାଏ । ଏଥିରେ ଥିବା ଫାଇବର ମେଦ ବହୁଳତା ହ୍ରାସ କରେ । ଫାଇବର ଆମର ଖାଦ୍ୟକୁ ଜୀର୍ଣ୍ଣ କରିବାରେ ସହାୟତା କରିଥାଏ । ଏହା ଶରୀରକୁ ସଂକ୍ରାମକ ରୋଗରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ ।

ଲିଚୁ ଶକ୍ତିପ୍ରଦ, ତେଣୁ ଶରୀରର କ୍ଳାନ୍ତିକୁ ଦୂର କରେ । ଏଥିରେ ଥିବା ନିୟାସିନ୍ ଆମ ଶରୀରକୁ ଶକ୍ତି ଯୋଗାଇ ଦେବା ପାଇଁ ଆବଶ୍ୟକ ଥିବା ଷ୍ଟେରଏଡ୍ ହର୍ମୋନ୍ ଏବଂ ହିମୋଗ୍ଲୋବିନ୍ ସୃଷ୍ଟି କରିଥାଏ । ଏଥିପାଇଁ ଲିଚୁ କୋଳି ଖାଇଲେ ଶରୀରକୁ ସ୍ଫୂର୍ତ୍ତି ମିଳିଥାଏ । ଲିଚୁର ରସ ହେଉଛି ଏକ ପୁଷ୍ଟିକର ତରଳ ପଦାର୍ଥ । ଏହା ଡାଡ଼ିରୁ ରକ୍ଷା କରିଥାଏ । ଗ୍ରୀଷ୍ମକାଳୀନ ଅନ୍ୟାନ୍ୟ ସମସ୍ୟାକୁ ଦୂର କରେ । ଶରୀର ପାଇଁ ଆବଶ୍ୟକ ଜଳ ଏଥିରୁ ମିଳେ ଏହା ଜଳଶୂନ୍ୟତା ହେବାକୁ ଦିଏ ନାହିଁ । କାଶ, ଜ୍ୱର, ଗଳା ସଂକ୍ରମଣ ଆଦିରୁ ଏହା ରକ୍ଷା କରେ । ଶୁଖିଲା କାଶ ପାଇଁ ଏହା ରାମବାଣ ସଦୃଶ ବୋଲି କୁହାଯାଏ । ଏଥିରେ ଥିବା ଏକ ପ୍ରକାର ରସାୟନ ଇନଫ୍ଲୁଏନଜା ଜୀବାଣୁଠାରୁ ରକ୍ଷା କରିଥାଏ ।

## ଲାଭକାରୀ ଅଳେଇଚ

ଅଳେଇଚର ଆକାର ଛୋଟ, ହେଲେ ଏହାର ଫାଇଦା ଅନେକ । ବିଭିନ୍ନ ଔଷଧୀୟ ଗୁଣରେ ଭରପୁର ଅଳେଇଚ ଶରୀର ଓ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ । ଏଥିରେ ସୋଡିୟମ, ପୋଟାସିୟମ, କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଭିଟାମିନ୍‌ସି', ଭିଟାମିନ୍, ଭିଟାମିନ୍ ଡି ଓ କ୍ୟାଲସିୟମ ପ୍ରଚୁର ମାତ୍ରାରେ ରହିଥାଏ । ସର୍ବାଧିକ ଅଳେଇଚ ଉତ୍ପାଦିତ ହୁଏ ନେପାଳରେ । ଏ କ୍ଷେତ୍ରରେ ଭାରତ ଓ ଭୁଟାନର ସ୍ଥାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ । ଭାରତର ମହୀଶୂର, ମାଙ୍ଗାଲୋର ପରି କେତେକ ଅଞ୍ଚଳରେ ଏହା ଉତ୍ପାଦିତ ହୁଏ । ଅଳେଇଚ ସାଧାରଣତଃ ଦୁଇ ପ୍ରକାର, ଗୋଟିଏ କଳା ଓ ଅନ୍ୟଟି ସବୁଜ । କଳା ଅଳେଇଚ



ମସଲାରେ ବ୍ୟବହାର କରାଯାଏ । ଅଳେଇଚରେ ଥିବା ଆଣ୍ଟିଇନଫ୍ଲାମେଟରି ତତ୍ତ୍ୱ ମୁଖ ଓ ତ୍ୱଚା କର୍କଟର ପ୍ରତିରୋଧକ ଭାବରେ କାର୍ଯ୍ୟକରେ । ଗ୍ୟାସ ଓ ଏସିଡିଟି ସମସ୍ୟା ଥିଲେ ଖାଇ ସାରିବା ପରେ ଗୋଟିଏ ଅଳେଇଚ ଚୋବାଇବାରେ ନିୟମିତ ଖାଆନ୍ତୁ । ଏଥିରେ ଥିବା ମ୍ୟାଗ୍ନେସିଅମ ଓ ପୋଟାସିଅମ ରକ୍ତ ପ୍ରଭାବକୁ ନିୟନ୍ତ୍ରଣ କରେ । ଫଳରେ ରକ୍ତଚାପ ସ୍ୱାଭାବିକ ହୁଏ ।

## ଆପଣ ଜାଣନ୍ତି କି ?

- ବିଶ୍ୱର ଖ୍ୟାତନାମା ବୈଜ୍ଞାନିକ ଆଇନଷ୍ଟାଇନ ନୋବେଲ ପୁରସ୍କାର ସ୍ୱରୂପ ଯେତେ ଅର୍ଥ ପାଇଥିଲେ ତାହା ତାଙ୍କ ପୂର୍ବତନ ପତ୍ନୀଙ୍କୁ ଛାଡ଼ପତ୍ରର ଚୁକ୍ତି ଅନୁଯାୟୀ ପ୍ରଦାନ କରିଥିଲେ ।
- ବିଶ୍ୱରେ ଫିଲିପାଇନ୍ସ ଏକମାତ୍ର ଦେଶ ଯେଉଁଠାରେ ଛାଡ଼ପତ୍ର ଆଇନ ସମ୍ମତ ନୁହେଁ ।
- ପ୍ରେମ ବିବାହ କରିଥିବା ୭୫ ପ୍ରତିଶତ ଦମ୍ପତି ଛାଡ଼ପତ୍ର ଦିଆନିଆ ହୋଇଥାନ୍ତି ।
- ଯେଉଁ ବ୍ୟକ୍ତିଙ୍କ ଅଧିକ ସମୟ ଯାତ୍ରାରେ ବିତିଥାଏ ସେହିମାନେ ହିଁ ଅଧିକ ସଂଖ୍ୟକ ଛାଡ଼ପତ୍ର ଦେଇଥାନ୍ତି ।
- ବ୍ରିଟେନର ଖ୍ୟାତନାମା ଗାୟକ ଫିଲ୍ କଲିନ୍ସ ନିଜର ଦ୍ୱିତୀୟ ପତ୍ନୀଙ୍କୁ ଫ୍ୟାକ୍ସ ମାଧ୍ୟମରେ ଛାଡ଼ପତ୍ର ଦେଇଥିଲେ ।
- ୨୦୦୭ ରେ ବୋସନିଆର ଏକ ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ଦିଆନିଆ ହୋଇଥିଲା । ଏହାର କାରଣ ଥିଲା ବିଚିତ୍ର । ଉଭୟ ସ୍ୱାମୀ-ସ୍ତ୍ରୀ ଅନଲାଇନରେ ଛଦ୍ମ ନାମରେ ଚାଟିଂ କରି ଆସୁଥିଲେ । ଉଭୟେ ଏହା ଜାଣିବା ପରେ ଛାଡ଼ପତ୍ର ଦିଆନିଆ ହୋଇଥିଲା ।
- ଇଟାଲୀରେ ଅର୍ଦ୍ଧାଧିକ ଛାଡ଼ପତ୍ର 'ହ୍ୱାଟସ୍‌ଅପ୍' ଯୋଗୁଁ ହୋଇଥାଏ ।
- ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁ ଦମ୍ପତି ସେମାନଙ୍କ ବିବାହରେ ଅଧିକ ଅର୍ଥ ଖର୍ଚ୍ଚ କରିଥାନ୍ତି ସେମାନଙ୍କ ମଧ୍ୟରେ ହିଁ ଅଧିକ ସଂଖ୍ୟାରେ ଛାଡ଼ପତ୍ର ଦିଆନିଆ ହୋଇଥାଏ ।
- ବିଶ୍ୱରେ ଅର୍ଥ ଯୋଗୁଁ ଛାଡ଼ପତ୍ର ସଂଖ୍ୟା ଅଧିକ ।
- ମାଲେସିଆରେ ଏସଏମଏସ ମାଧ୍ୟମରେ ଛାଡ଼ପତ୍ର ଦେବା ଆଇନସମ୍ମତ ।

## ଜୀବନ ରକ୍ଷା କରିବ ପାଳଙ୍ଗ

ପାଳଙ୍ଗ ଶାଗର ଉପକାରିତା କାହାକୁ ଅଛପା ନାହିଁ । ଏବେ ପାଳଙ୍ଗ ପତ୍ର ଉପରେ ମାସାଚୁସେଟସ ୟୁନିଭର୍ସିଟିର ୱୁର୍ସେଷ୍ଟରର ପଲିଟେକନିକ ଇନଷ୍ଟିଚ୍ୟୁଟର ଗବେଷକମାନେ ଏକ ଚମତ୍କାର ମତ ଦେଇଛନ୍ତି । ସେମାନେ କହିଛନ୍ତି ପାଳଙ୍ଗ ପତ୍ରରେ ଥିବା ଭେନର ନେଟୱର୍କ ଓ ହାର୍ଟର ରକ୍ତବାହୀ ନଳୀର ନେଟୱର୍କ ମଧ୍ୟରେ ସାମଞ୍ଜସ୍ୟ ରହିଛି । ଆଶ୍ଚର୍ଯ୍ୟ ଯେ, ପାଳଙ୍ଗପତ୍ରର ଶିରାରେ ରକ୍ତ ପ୍ରବାହ ହୋଇପାରିବ ବୋଲି ସେମାନେ କହିଛନ୍ତି । ଡିଟରଜେଣ୍ଟ ବ୍ୟବହାର କରି ପାଳଙ୍ଗ ପତ୍ରରୁ ସେଲୁଲାର ମ୍ୟାଟେରିଆଲ କାଢ଼ିବା ପରେ ସେଲୁଲୋଜ ଓ ଭେନର ଏକ ସ୍ପଷ୍ଟ ଷ୍ଟ୍ରକଚର ବାହାର କରିଥିଲେ । ଏହାପରେ ସେହି ସେଲୁଲୋଜରେ ମଣିଷ ସେଲ ଓ ଟିସ୍ୟୁ ରଖି ତାହାକୁ ସେହି ପତ୍ରରେ ବିକାଶ କରିଥିଲେ । ପାଞ୍ଚଦିନ ପରେ



ମସଲସ ସେଲ କାର୍ଯ୍ୟ କରିବା ଆରମ୍ଭ କରିଥିଲା । ଏହାପରେ ଗବେଷକମାନେ ମଣିଷ ରକ୍ତକୋଷ ଆକାରର ମାଇକ୍ରୋବିଡ ଏବଂ ଫ୍ଲୁଇଡ ପତ୍ରର ଭେନ ନେଟୱର୍କ ମଧ୍ୟକୁ ଇଞ୍ଜେକ୍ଟ କରିଥିଲେ । ବ୍ଲଡ ସେଲ୍ ତା' ମଧ୍ୟରେ ଗତି କରିପାରୁଛି କି ନାହିଁ ତାହା ଜାଣିବା ଲାଗି ଏହା କରାଯାଇଥିଲା । ଏହି ଗବେଷଣା ପରେ ପାଳଙ୍ଗ ପତ୍ର ବ୍ୟବହାର କରି ହାର୍ଟ ମସଲସ୍ ଲେୟାର ବିକାଶ କରାଯାଇ ପାରିବ ବୋଲି ଏକ ନୂଆ ଆଶା ସୃଷ୍ଟି ହୋଇଛି । ଏହା ମଧ୍ୟ ହୃଦଘାତ ପୀଡ଼ିତଙ୍କ ଚିକିତ୍ସାରେ ସାହାଯ୍ୟ କରିବା ସହ ଡୋନର ଅର୍ଗାନ ଅଭାବ ଦୂର କରିବାରେ ବାଟ ଦେଖାଇବ ।

## ହିତକାରୀ ଆମ୍ବପତ୍ର

ଆମ୍ବ ଏକ ସୁସ୍ୱାଦୁ ଫଳ ଏହା ସମସ୍ତଙ୍କୁ ଜଣା, କିନ୍ତୁ ଆମ୍ବପତ୍ରର ଗୁଣ ବିଷୟରେ ପ୍ରାୟ ଧାରଣା କମ୍ । ଆମ୍ବପତ୍ର ବିଭିନ୍ନ ପ୍ରକାର ନ୍ୟୁଟ୍ରିଏନଟରେ ଭରପୁର । ଏଥିରେ ଜୀବସାର ଏ, ବି, ସି ନିଆସିନ, ବେଟା କାରୋଟେନ, ଥିଆମିନ୍ ରିବୋଫ୍ଲାଭିନ୍ ପ୍ରଚୁର ପରିମାଣରେ ଅଛି, ଯାହାକି ଆମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।



ଟଟକା ଆମ୍ବପତ୍ରକୁ ପାଣିରେ ଫୁଟାଇ ଥଣ୍ଡାକରି ରାତିରେ ଏକ ପାତ୍ରରେ ରଖନ୍ତୁ, ସକାଳୁ ମଧୁମେହ ରୋଗୀ ନିୟମିତ ଏହି ପାଣିକୁ ପିଅନ୍ତୁ । ଫଳରେ ଶରୀରରେ ଇନସୁଲିନ୍ ସ୍ତର ଠିକ୍ ରହିଥାଏ ଏବଂ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହେ । ଆମ୍ବପତ୍ରର ଏସଟ୍ରାକ୍ଟ ନିୟମିତ ଦିନକୁ ୩/୪ ଥର ୩/୪ ମାସ ପାନ କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ ।

ଆମ୍ବପତ୍ରର ଏସଟ୍ରାକ୍ଟ ନିୟମିତ ସେବନ କଲେ ଏହା ରକ୍ତ ଧମନୀକୁ ଶକ୍ତ କରିବା ସହ ହୃଦଘାତ ସଙ୍କଟକୁ ହ୍ରାସ କରିଥାଏ । ଶୁଖିଲା ଆମ୍ବପତ୍ର ଗୁଣ୍ଡକୁ ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ସକାଳେ ନିୟମିତ ପାନ କଲେ କିଡନୀ ଓ ଗଲ୍‌ବ୍ଲାଡର ପଥରୀ ବା ଷ୍ଟୋନ ମିଳାଇ ଯାଇଥାଏ ।

ଆମ୍ବପତ୍ର ଗୁଣ୍ଡକୁ ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ସକାଳେ ସେହି ପାଣିକୁ ପିଇଲେ ଡିସେଣ୍ଟ୍ରି ଓ ଡାଇରିଆ ଆଦି ସମସ୍ୟାରୁ ରକ୍ଷା କରିଥାଏ । ଆମ୍ବପତ୍ରର ଏସଟ୍ରାକ୍ଟ ସହ ମହୁ ମିଶାଇ ନିୟମିତ ଦିନକୁ ୩/୪ ଥର ପାନକଲେ କଫ, ସାଧାରଣ ଥଣ୍ଡା, ଆଜ୍ମା, ହୁପିଙ୍ଗ୍ କଫ ପରି ସମସ୍ୟାରୁ ରକ୍ଷା ମିଳିଥାଏ ।

ଆମ୍ବପତ୍ରର ଏସଟ୍ରାକ୍ଟ ଦିନକୁ ୨/୩ ଥର ନିୟମିତ ପିଇଲେ ଗଳା ବସି ଯାଇଥିବା ସମସ୍ୟା ଦୂର ହୋଇଥାଏ । କାନ ବିନ୍ଧୁଥିଲେ ଆମ୍ବପତ୍ରର ଏସଟ୍ରାକ୍ଟକୁ ଅଳ୍ପ ଉଷୁମ କରି କାନରେ ଡ୍ରପର ସାହାଯ୍ୟରେ ପକାଇଲେ ଏବଂ କାନମୂଳରେ ଲେପ ଦେଲେ ଆରାମ ମିଳିଥାଏ ।

## କହିପାରିବେ କି ?

(୧) ଆଧୁନିକ ରସାୟନ ବିଜ୍ଞାନର ଜନକଭାବେ କାହାକୁ ସମ୍ମାନ ଦିଆଯାଏ ?
(୨) ପିରିଅଡ୍ ଟେବୁଲର ଉଦ୍ଭାବକ କିଏ ?
(୩) ବାୟୁମଣ୍ଡଳରେ କେଉଁ ଗ୍ୟାସ୍ ପ୍ରଚୁର ପରିମାଣରେ ରହିଛି ?
(୪) ଧାନ କ୍ଷେତ ଏବଂ ପଙ୍କ ସ୍ଥାନରୁ କେଉଁ ଗ୍ୟାସ୍ ବାହାରି ଥାଏ ?
(୫) କେଉଁ ଗ୍ୟାସ୍ ପ୍ରଭାବରେ ଏସିଡ୍ ବର୍ଷା ହୋଇଥାଏ ?
(୬) ମାଇକ୍ରୋଚିପ୍ ତିଆରି କରିବା ପାଇଁ କେଉଁ ପ୍ରକାରର ମେଟାଲ ବ୍ୟବହାର କରାଯାଏ ?
(୭) ଇଲେକ୍ଟ୍ରିକ ସୁଇଚ୍ ଏବଂ କମ୍ପ୍ୟୁଟର ଡିସ୍କ ତିଆରି କରିବା ପାଇଁ କେଉଁ ପ୍ରକାରର ପଲିମର ବ୍ୟବହାର କରାଯାଏ ?
(୮) ରେନ୍ କୋଟ୍ ତିଆରି କରିବା ପାଇଁ କେଉଁ ପ୍ରକାରର ରାସାୟନିକ ତତ୍ତ୍ୱ ବ୍ୟବହାର କରାଯାଏ ?
(୯) କେଉଁ ପ୍ରକାରର ପ୍ଲାଷ୍ଟିକ୍‌କୁ ରିସାଇକଲ୍ କରାଯାଇ ପାରିବ ?
(୧୦) କେଉଁ ପଦାର୍ଥ ସାଧାରଣ ତାପମାତ୍ରାରେ ତରଳ ରହିଥାଏ ?

### JUMBLE WORDS

| | | | |
|---|---|---|---|
| 1) SWOYLL | = | 6) CASIOF | = |
| 2) MRAHEM | = | 7) COVAL | = |
| 3) WHETR | = | 8) MUYMR | = |
| 4) OLDFO | = | 9) UENVAE | = |
| 5) MRKSEO | = | 10) GIFTRH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଆଇସିସିଡ଼ିକୁ, ୨. ୧୬ ବର୍ଷରୁ କମ୍, ୩.ପାଞ୍ଚୋଟି, ୪.ଜବାହର ଲାଲ୍ ନେହେରୁ, ୫. ୧୯୫୮ ମସିହା ଫେବ୍ରୁଆରୀ ୪ ତାରିଖରେ, ୬. ୨୫ ଜଣଙ୍କୁ, ୭.ସେପ୍ଟେମ୍ବର ୩୦, ୮. ନଭେମ୍ବର ୧୪ ଶିଶୁ ଦିବସରେ କିମ୍ବା ଜାନୁଆରୀ ମାସରେ, ୯.ଗଣତନ୍ତ୍ର ଦିବସରେ, ୧୦.ଥରେ ।

***Jumble Words*** **ର ଉତ୍ତର :-**

(1) ADOPT (2) GOOSE (3) SLUDGE (4) STRONG (5) ZESTY
(6) SORRY (7) SQUAWK (8) PASTOR (9) WITTY (10) FETCH

# ଝାରସୁଗୁଡ଼ା ଜିଲ୍ଲାର ୨୫୬ ଗାଁରେ ପହଞ୍ଚି ପାରିନାହିଁ ପାଇପ ପାଣି

ଝାରସୁଗୁଡ଼ା : ୨୦୧୯ ମସିହାରେ ଜିଲ୍ଲାର ଗ୍ରାମାଞ୍ଚଳରେ ପ୍ରତି ଘରେ ପାଇପ ପାଣି ପହଞ୍ଚାଇବା ଲକ୍ଷ୍ୟ ନେଇ ମେଗା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୨୨ ଜୁନ ମାସ ସୁଦ୍ଧା ଜିଲ୍ଲାର ୩୩୮ଟି ଗାଁରେ ପାଇପ ପାଣି ପହଞ୍ଚାଇବା ଏହାର ଲକ୍ଷ୍ୟ ଥିଲା । ମାତ୍ର ଏଯାଏଁ ୮୨ଟି ଗ୍ରାମରେ ପାଣି ପହଞ୍ଚିଛି । ୨୫୬ଟି ଗାଁରେ ଏବେ ବି ପାଇପ ପାଣି ପହଞ୍ଚି ପାରି ନାହିଁ । ଆସନ୍ତା ଡିସେମ୍ବର ସୁଦ୍ଧା ଆହୁରି ୪୩ଟି ଗାଁରେ ପାଣି ପହଞ୍ଚିବ ବୋଲି ବିଭାଗ ଆଶା ରଖିଛି । ହେଲେ ବିଳମ୍ବିତ ପାଇପ ଜଳ ଯୋଗାଣ ୪୫୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ପ୍ରକଳ୍ପର ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଛି ।

ପାଇପ ଯୋଗେ ଜଳ ଯୋଗାଣ ଲାଗି ଜିଲ୍ଲାର ତିନିଟି ସ୍ଥାନରେ ଜଳ ବିଶୋଧନ ପ୍ରକଳ୍ପ (ଡବ୍ଲୁଟିପି) ପ୍ରତିଷ୍ଠା କରାଯାଇଛି । ଯେଉଁଥିରେ ଲଖନପୁର ବ୍ଲକର କୁଶମେଲ ଏବଂ ତିଲିଆ ଠାରେ ମେଗା ପ୍ରକଳ୍ପ ସ୍ଥାପନ ହୋଇଥିବା ବେଳେ ଅନ୍ୟଟି ଝାରସୁଗୁଡ଼ା ବ୍ଲକର ହଂସାମୁରା କଟାପାଲି ଠାରେ ନିର୍ମାଣ କରାଯାଇଛି । ହୀରାକୁଦ ଜଳଭଣ୍ଡାରରୁ ଜଳ ଯୋଗାଣ ଲକ୍ଷ୍ୟ ରଖି ନିର୍ମିତ ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ କୁଶମେଲ ପ୍ରକଳ୍ପରୁ ଲଖନପୁର ବ୍ଲକର ୧୬ଟି ପଞ୍ଚାୟତର ୬୦ଟି ଗାଁରେ ଏଯାଏଁ ପରୀକ୍ଷାମୂଳକ ଭାବେ ଜଳ ଯୋଗାଣ ହୋଇଥିବା ବେଳେ ଆହୁରି ୧୯ଟି ଗାଁକୁ ବାକି ରହିଛି । ସେହିପରି ତିଲିଆ ଠାରେ ନିର୍ମିତ ପ୍ରକଳ୍ପରୁ ଲଖନପୁର ବ୍ଲକର ୧୭ଟି ପଞ୍ଚାୟତର ୬୫ଟି ଗାଁକୁ ଜଳ ଯୋଗାଣ ଲକ୍ଷ୍ୟ ରହିଥିବା ବେଳେ ଏଯାଏଁ କେବଳ ୫ଟି ପଞ୍ଚାୟତର ଆଂଶିକ ଅର୍ଥାତ ୨୨ଟି ଗାଁରେ ଜଳ ଯୋଗାଣ ହୋଇ ପାରିଛି ।

ଝାରସୁଗୁଡ଼ା ବ୍ଲକର ହଂସାମୁରା କଟାପାଲି ଠାରେ ନିର୍ମିତ ଜଳ ବିଶୋଧନ ପ୍ରକଳ୍ପର ୱାଟର ପମ୍ପ ହାଉସକୁ ବିଦ୍ୟୁତ ସଂଯୋଗ ହୋଇନାହିଁ । ଏଥିପାଇଁ ଆବେଦନ କରାଯାଇଛି । ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ପରୀକ୍ଷାମୂଳକ ଭାବେ ଜଳ ଯୋଗାଣ କରାଯିବାର ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି । ହୀରାକୁଦ ଜଳ ଭଣ୍ଡାରର ଛଡ଼ାରମା ପାଖରୁ ପମ୍ପ ଯୋଗେ ପାଣି ଉଠାଇ ଗଣ୍ଡଘୋରା ଠାରେ ନିର୍ମିତ ପମ୍ପ ହାଉସକୁ ଜଳ ଯୋଗାଣ ପରେ ସେଠାରୁ ହଂସାମୁରା କଟାପାଲି ଜଳ ବିଶୋଧନ ପ୍ରକଳ୍ପକୁ ଜଳ ଯୋଗାଣ ହେଉଛି । ହଂସାମୁରା କଟାପାଲି ସ୍ଥିତ ପ୍ରକଳ୍ପ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଝାରସୁଗୁଡ଼ା, କୋଲାବିରା, କିର୍ମିରା ଏବଂ ଲଇକେରା ବ୍ଲକର ୪୨ଟି ପଞ୍ଚାୟତର ୧୯୪ ଗାଁରେ ପାଣି ପହଞ୍ଚିବ ।




ସେହିପରି ଜିଲ୍ଲାର ଝାରସୁଗୁଡ଼ା ବ୍ଲକର ମଲଦା ଓ ପତ୍ରାପାଲି ପଞ୍ଚାୟତକୁ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ମେଗା ପ୍ରକଳ୍ପରୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ଯେଉଁଥିରେ ଉଭୟ ପଞ୍ଚାୟତର ୫ଟି ଗ୍ରାମର ଲୋକେ ପାଇପ ପାଣି ପାଇ ପାରିବେ । ସେହିପରି କୁଦୋପାଲି ପଞ୍ଚାୟତରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ସ୍ଥାପନ ସହ ଜଳ ଯୋଗାଣ ଲାଗି ପଦକ୍ଷେପ ନିଆଯାଇଛି । ପ୍ରକଳ୍ପ କାମ ସରିଛି ହେଲେ ଏଯାଏଁ ପଞ୍ଚାୟତକୁ ତାହା ହସ୍ତାନ୍ତର ହୋଇନାହିଁ ।

ମେଗା ପାଇପ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ପଛରେ ଜଙ୍ଗଲ ବିଭାଗର କ୍ଲିୟରାନ୍ସ ମିଳିବାରେ ଅହେତୁକ ବିଳମ୍ବ ହେବା ଏବଂ ରେଳ ଲାଇନ ପାରି କରି ପାଇପ ବିଛାଇବା ଦିଗରେ ଆବଶ୍ୟକ ଅନୁମତି ପାଇବାରେ ବିଳମ୍ବକୁ ଦାୟୀ କରାଯାଉଛି । ଅବଶ୍ୟ କାର୍ଯ୍ୟ ସଂପାଦନକାରୀ ଠିକାଦାର ମାନଙ୍କ ମଧ୍ୟ ଅବହେଳା, ବାରମ୍ବାର ପ୍ରକଳ୍ପରୁ ବିଭିନ୍ନ ସାମଗ୍ରୀ ଚୋରି ଆଦିକୁ ବି ବିଳମ୍ବର କାରଣ ବୋଲି କୁହାଯାଉଛି । ଏହି ମେଗା ପ୍ରକଳ୍ପ ନିର୍ମାଣ ଲାଗି ଜିଲ୍ଲାରେ ଡିଏମଏଫ୍‌ରୁ ୨୦୨ କୋଟି, କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ପଚାଶ ପ୍ରତିଶତ ଲେଖାଏଁ ଅନୁଦାନ ମିଶି ୧୧୦ କୋଟି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅନୁଦାନ ୧୩୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ଆସନ୍ତା ଗ୍ରୀଷ୍ମ ପୂର୍ବରୁ ଜିଲ୍ଲାର ଶତ ପ୍ରତିଶତ ଗ୍ରାମରେ ପାଇପ ଜଳ ପହଞ୍ଚିବ ନାଁ ନାହିଁ ତାହାକୁ ନେଇ ବି ଅନିଶ୍ଚିତତା ଲାଗି ରହିଛି ।

## ନଭେମ୍ବର ୯ରୁ ଝାରସୁଗୁଡ଼ାରେ ଆଇସୋପର୍ବର ଜାତୀୟ ସମ୍ମିଳନୀ

ଝାରସୁଗୁଡ଼ା : ଆସନ୍ତା ନଭେମ୍ବର ମାସ ୯ ତାରିଖ ଠାରୁ ଆଇସୋପର୍ବର ଦ୍ୱି-ଦିବସୀୟ ଜାତୀୟ ସମ୍ମିଳନୀର ଆୟୋଜନ କରାଯାଉଛି । ହୋଟେଲ ମେ' ଫେୟାର ଠାରେ ଆୟୋଜିତ ହେଉଥିବା ଏହି ଜାତୀୟ ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ଦେଶର କୋଣ ଅନୁକୋଣରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଏବଂ ଅନ୍ୟ ବିଶେଷଜ୍ଞ ଡାକ୍ତରମାନେ ଭାଗ ନେବେ । ପ୍ରାୟ ତିନି ଶହ ଡାକ୍ତର ଏହି ସମ୍ମିଳନୀକୁ ଆମନ୍ତ୍ରିତ ହୋଇଥିବା ବେଳେ ଖ୍ୟାତନାମା ବିଶେଷଜ୍ଞ ଡାକ୍ତରମାନେ ମହିଳାଙ୍କ ଗର୍ଭ ଧାରଣ, ଗର୍ଭ ଧାରଣ ପୂର୍ବ ଓ ପରବର୍ତ୍ତୀ ସମସ୍ୟା ତଥା ଗର୍ଭସ୍ଥ ଶିଶୁମାନେ କେଉଁସବୁ ରୋଗ ବ୍ୟାଧିର ଶିକାର ହେଉଛନ୍ତି ତାହାର ପ୍ରତିକାର ଓ ଚିକିତ୍ସା ସଂପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ହୋଟେଲ ମେ' ଫେୟାର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ମଣ୍ଡଳୀ ସୂଚନା ପ୍ରଦାନ କରିଛନ୍ତି ।



ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ମଣ୍ଡଳୀର ଅଧକ୍ଷ ଡାକ୍ତର ଶଙ୍କର ଜୟକିଶନ ପଟେଲ କହିଥିଲେ ଯେ, ଝାରସୁଗୁଡ଼ା ଠାରେ ଦ୍ୱିତୀୟ ଜାତୀୟ ଯୁବା ଆଇଏସଓପି ଏଆରବି ସମ୍ମିଳନୀ ଆୟୋଜନ ପାଇଁ ସୁଯୋଗ ମିଳିବା ଏକ ବଡ଼ ଉପଲବ୍ଧି । ପ୍ରିଭେନଟିଭ୍ ପେରିନାଟୋଲଜି ବିଷୟ ଉପରେ ମୁଖ୍ୟତଃ ଏହି ସମ୍ମିଳନୀରେ ଫୋକସ୍ ରହିବ । ଏହାର କାରଣ ଓ ନିରାକରଣ ତଥା ଗର୍ଭଧାରଣ ଏବଂ ଗର୍ଭସ୍ଥ ଶିଶୁମାନେ ସମ୍ମୁଖୀନ ହେଉଥିବା ରୋଗବ୍ୟାଧି ଓ ଏହାର ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥାକୁ ନେଇ ଚର୍ଚ୍ଚାରୁ ଅନେକ କିଛି ଶିକ୍ଷାଲାଭ ଉପସ୍ଥିତ ଡାକ୍ତରମାନେ କରି ପାରିବେ ବୋଲି ଡାକ୍ତର ପଟେଲ କହିଥିଲେ । ଗର୍ଭସ୍ଥ ଶିଶୁମାନେ ହୃଦରୋଗର ଶିକାର ହେବା, ହୃଦୟରେ କଣା ସୃଷ୍ଟି ହେବା ଭଳି ସମସ୍ୟାର ସମାଧାନ ଲାଗି ଓଡ଼ିଶାରେ ସେଭଳି ବିଶେଷ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ବାହାର ରାଜ୍ୟ ଉପରେ ରୋଗୀ ତଥା ଶିଶୁର ମାତାପିତା ନିର୍ଭର କରୁଥିବାରୁ ରାଜ୍ୟ ସରକାର ଏ ଦିଗରେ ବିଶେଷ ମନୋନିବେଶ କରି ଝାରସୁଗୁଡ଼ା ଭଳି ଏୟାର କନେକ୍ଟିଭିଟି ଏବଂ ଉତ୍ତମ ରେଳ ଓ ରୋଡ୍ ସଂଯୋଗ ଥିବା ଗ୍ରୋଇଂ ସିଟିରେ ଏକ କେନ୍ଦ୍ର ପ୍ରତିଷ୍ଠା କରିବା ଜରୁରୀ ବୋଲି କହିଥିଲେ ।

ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ଦିଲୀପ କୁମାର ଷଡଙ୍ଗୀ (ସୁନ୍ଦରଗଡ଼), ଡାକ୍ତର ପ୍ରଫେସର ଓଜସ୍ୱିନୀ ପଟେଲ (ଭିମସାର), ଡାକ୍ତର ପ୍ରଫେସର ବେଣୁଧର ପାଣ୍ଡେ (ଭିମସାର), ଡାକ୍ତର ପ୍ରଫେସର ଲୀନା ବାରୁ (ଭିମସାର), ଡାକ୍ତର ପ୍ରଫେସର ଶର୍ମିଳା ପ୍ରଧାନ (ଭିମସାର), ଡାକ୍ତର ବବିତା ରମାନୀ (ଝାରସୁଗୁଡ଼ା), ଡାକ୍ତର ସତ୍ୟନାରାୟଣ ବେହେରା (ଭିମସାର), ଡାକ୍ତର ଶକ୍ତି ତ୍ରିପାଠୀ (ବରଗଡ଼) ଏବଂ ଡାକ୍ତର ରଜତ ଶର୍ମା (ଟିଆର୍ଏଲ-ବେଲପାହାଡ଼) ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ାରେ ଗଜଲକ୍ଷ୍ମୀ ପୂଜା

ଝାରସୁଗୁଡ଼ା : ଝାରସୁଗୁଡ଼ା ସହରରେ ବିଭିନ୍ନ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ହୋଇଛି । ବେହେରାମାଲ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ଭଜନ ସନ୍ଧ୍ୟା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆଦିବାସୀ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କମିଟି ନିଷ୍ପତ୍ତି ନେଇଛି । ଏଥର ପୂଜା ୧୪ ବର୍ଷରେ ପଦାର୍ପଣ କରିଛି । ବେହେରାମାଲ ରାଧାମାଧବ ସଂଘ ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ୧୯ ବର୍ଷରେ ପଦାର୍ପଣ କରିଛି । ଏ ଅବସରରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ମାଁଙ୍କୁ ଭୋଗ ଲଗାଯାଉଛି । ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ମଣ୍ଡପ । ପାହାଡ଼େଶ୍ୱର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ପୂଜା ଆୟୋଜନ କରାଯାଇଥିଲା ।

## ଡ୍ରେନେଜ ପ୍ଲାନକୁ ନେଇ ପରାମର୍ଶ ବୈଠକ



ସମ୍ବଲପୁର : ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପକ୍ଷରୁ ଦଲଦଲିପଡା ଅଙ୍ଗନବାଡ଼ି କେନ୍ଦ୍ରରେ ମାଷ୍ଟର ଡ୍ରେନେଜ ପ୍ଲାନକୁ ନେଇ ୧୭ ନମ୍ବର ୱାର୍ଡ ଅଞ୍ଚଳବାସୀନ୍ଦାଙ୍କ ସହ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ସୂଚନା ଅନୁସାରେ ଆଗକୁ ସହରର କାର୍ଯ୍ୟକାରୀ ହେବାକୁ ଥିବା ମାଷ୍ଟର ଡ୍ରେନେଜ ପ୍ଲାନ କିପରି ଭାବରେ କାର୍ଯ୍ୟ କରାଯିବ ସେନେଇ ସ୍ଥାନୀୟ ୱାର୍ଡ ବାସିନ୍ଦାଙ୍କ ସହ ଆଲୋଚନା କରାଯାଇ ଆବଶ୍ୟକୀୟ ପରାମର୍ଶ ନିଆଯାଇଥିଲା । ଏଥିରେ ପୂର୍ବତନ ମୁଖ୍ୟଯନ୍ତ୍ରୀ ବସନ୍ତ କୁମାର ପରିଡ଼ା, ଜେଇ ସୁରେନ୍ଦ୍ର ନାଥ ନାଏକ, ୱାଟକୋ କ୍ଷେତ୍ର ଅଧିକାରୀ, ମହାନଗର ନିଗମ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟ ରଞ୍ଜନ ତ୍ରିପାଠୀ, ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ ସ୍ଥାନୀୟ ୱାର୍ଡ ବାସିନ୍ଦା ଉପସ୍ଥିତ ରହି ମାଷ୍ଟର ଡ୍ରେନେଜ ପ୍ଲାନ ନେଇ ନିଜ ପରାମର୍ଶ ଦେଇଥିଲେ ।

## ମାଁ ମାଣିକେଶ୍ୱରୀଙ୍କ ଯୁଗାର ଯାତ୍ରା

ସୋନପୁର: ସୁବର୍ଣ୍ଣପୁରର ଦେବୀ ମା' ମାଣିକେଶ୍ୱରୀଙ୍କର ଯୁଗାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ଏକ ଭବ୍ୟ ଯୁଗାର ଶୋଭାଯାତ୍ରା ସହର ପରିକ୍ରମା କରି ମନ୍ଦିରକୁ ଯାଇଥିବା ବେଳେ ହଜାର ହଜାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଯାତ୍ରାରେ ସାମିଲ ହୋଇଥିଲେ । କୈବର୍ତ୍ତ ସମ୍ପ୍ରଦାୟର ଇଷ୍ଟଦେବୀ ଭାବେ ମା'ମାଣିକେଶ୍ୱରୀ ୮ମ - ୯ମ ଶତାବ୍ଦୀରୁ ପୂଜା ପାଇ ଆସୁଥିବାବେଳେ ବର୍ଷକରେ ଥରେ ଦେବୀଙ୍କ ସ୍ୱତନ୍ତ୍ର ଯୁଗାର ଯାତ୍ରା ଓ ଶାରଦୀୟ ପର୍ବ ଅନୁଷ୍ଠିତ ହୋଇଥାଏ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ଡକ୍ଟର ସୁଦର୍ଶନ ପୂଜାରୀଙ୍କ ପୁସ୍ତକ ଉନ୍ମୋଚିତ



ସମ୍ବଲପୁର : ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଲିଖିତ ଆଲୋଚନା ପୁସ୍ତକ, 'ଆମେ ଆଗେଇବା ଓ ଅନ୍ୟାନ୍ୟ' ଉନ୍ମୋଚିତ ହୋଇଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼କ୍ଟର କାଳିଦାସ ମିଶ୍ରଙ୍କ ସଭାପତିତ୍ୱ ତଥା ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ପ୍ରଦୀପ କୁମାର ହୋତାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଡକ୍ଟର ପଞ୍ଚାନନ ପୂଜାରୀ, ବିପିନ ବିହାରୀ ନନ୍ଦ, ରାଉରକେଲା ନିଟ୍‌ର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବନମାଳୀ ପ୍ରଧାନ ଓ ଲେଖକ ସୁଦର୍ଶନ ପୂଜାରୀ ଅତିଥିମାନଙ୍କ ସହିତ ପୁସ୍ତକ ପାଠକାର୍ପଣ କରିଥିଲେ । ଅଧାପକ ମୋହନ ସାହୁ ସଙ୍କଳନ ସମ୍ପର୍କରେ ସୂଚନା ଦେଇଥିଲେ । ଲେଖକଙ୍କ ପୌତ୍ରୀ ବାଗ୍ମୀ ବରେଣ୍ୟା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ କ୍ରିତିକା ଓ ସମୀକ୍ଷା ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପ୍ରଫେସର ଡ଼କ୍ଟର କାମଦେବ ସାହୁ ତାଙ୍କ ଆଲୋଚନାରେ ପ୍ରବନ୍ଧ ଲିଖନର ଦିଗ ବିଦିଗ ଓ ଓଡିଆ ସାହିତ୍ୟରେ ପ୍ରବନ୍ଧ ସାହିତ୍ୟର ଇତିହାସ ବର୍ଣ୍ଣନା କରିଥିଲେ । ଅନ୍ୟତମ ଆଲୋଚକ କବି ରାମକୃଷ୍ଣ ପ୍ରାଚୀନ ଧର୍ମ ସାହିତ୍ୟ, ଶାସ୍ତ୍ର, ପୁରାଣ, ଦର୍ଶନ, ଇତିହାସ ଆଦିରୁ ଉଦାହରଣ ଆଣି ଗଳ୍ପ ଓ କବିତାର ଭାଷାରେ ପ୍ରବନ୍ଧକୁ ବି କିପରି ସରସ, ସହଜ ଓ ବୋଧଗମ୍ୟ କରିହୁଏ ତହିଁର ଏକ ସଫଳ ଉଦାହରଣ ଏହି ପୁସ୍ତକ ବୋଲି କହିଥିଲେ । ଶେଷରେ ପ୍ରଫେସର ପୂଜାରୀଙ୍କ ସାନ ଝିଅ ଅଗରତଲା ଇକଫାଇ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ଅଧକ୍ଷ ଡକ୍ଟର ଜିଗିଷା ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫେସର ପୂଜାରୀଙ୍କ ବଡ଼ଝିଅ ଜିଜ୍ଞାସା ଓ ପୁତୁରା ଡକ୍ଟର ବିଶ୍ୱରଞ୍ଜନ, ରବିରଞ୍ଜନ ତଥା ସତ୍ୟମ୍ ପାଣିଗ୍ରାହୀ ଓ ' ଶୁଭମ୍ ପୂଜାରୀ ସହଯୋଗ କରିଥିଲେ ।

# ଅଗ୍ରୱାଲ ମହିଳା ସମ୍ମେଳନର ଶରତ ଉତ୍ସବ






ସମ୍ବଲପୁର: ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମେଳନ ସମ୍ବଲପୁର ଜିଲା ଶାଖା ପକ୍ଷରୁ ଶରତ ଉତ୍ସବ ଓ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଶାଖା ଅଧକ୍ଷା ଶ୍ରୀମତୀ ବିନ୍ଦୁ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମେଳନର ରାଷ୍ଟ୍ରୀୟ ଅଧକ୍ଷା ବିନିତା ଖେତାୱାତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସବିତା ମୋଦୀ ବିବରଣୀ ପାଠ କରିଥିଲେ । ସଭାକୁ ମିନାକ୍ଷୀ ଅଗ୍ରୱାଲ ଓ ମମତା ଅଗ୍ରୱାଲ ସଂଯୋଜନା କରିଥିବା ବେଳେ କୋମଳ ଲାଠ ଧନ୍ୟବାଦ ଦେଇଥିଲେ । ପରେ ଶରତ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥିଲା । ଅଗ୍ରୱାଲ ସମ୍ମେଳନର ରାଷ୍ଟ୍ରୀୟ ସଚିବ ସୁଶୀଲା ଫରମାନିଆ, ରାଷ୍ଟ୍ରୀୟ ମହାସଚିବ ରୋଶନୀ ସେକସରିଆ, ରାଷ୍ଟ୍ରୀୟ ଉପାଧକ୍ଷ ପୁରନମଲ ଅଗ୍ରୱାଲ, ରାଜ୍ୟ ଅଧକ୍ଷ ଓମପ୍ରକାଶ ବାପୋଡିଆ, ରାଜ୍ୟ ମହାସଚିବ ନରେନ୍ଦ୍ର ଅଗ୍ରୱାଲ, ଜିଲାଅଧକ୍ଷ ଶଙ୍କରଲାଲ ଅଗ୍ରୱାଲ, ପୂର୍ବତନ ସଭାପତି ଦୀନଦୟାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଜାତୀୟ ସେମିନାର

ଝାରସୁଗୁଡ଼ା : ସ୍ଥାନୀୟ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ବାଣିଜ୍ୟ ପରିଷଦ ଓ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଦିବସୀୟ 'ଆଞ୍ଚଳିକ ବିନିଯୋଗ ସମ୍ଭାବନା ଓ ସଚେତନତା ଉପରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧାପକ ତପନ କୁମାର ବାରିକ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ । ବାଣିଜ୍ୟ ବିଭାଗ ମୁଖ୍ୟ ଅଧାପିକା ପୂଜା ସାହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧାପକ ଡକ୍ଟର ଦେବୀ ପ୍ରସାଦ ବେହେରା ବିଷୟବସ୍ତୁ ଉପସ୍ଥାପନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଜାତୀୟ ସଂପାନରେ ସିକ୍ୟୁରିଟି ଓ ଏକ୍ସଚେଞ୍ଜ ବୋର୍ଡ଼ ଅଫ ଇଣ୍ଡିଆ (ସେବି)ର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର



କୋଲକାତାର ସୁକୁନ ବେଣୁଗୋପାଳ ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରତିନିଧି ସୌମ୍ୟ ରଞ୍ଜନ ସାହୁ ଯୋଗଦେଇ ମୁଦ୍ରା ବଜାର ଓ ପୁଞ୍ଜି ବଜାର ବ୍ୟବସ୍ଥା , ବିନିଯୋଗ, ମ୍ୟୁଚୁଆଲ ଫଣ୍ଡ ବ୍ୟବସ୍ଥା, ଷ୍ଟକ ଏକ୍ସଚେଞ୍ଜର କାର୍ଯ୍ୟାବଳୀ ତଥା ସାଧାରଣ ଲୋକ କିପରି ବିନିଯୋଗ କରିବେ ଆଦି ଉପରେ ଆଲୋଚନା କରିଥିଲେ ।

# କରମସାନୀ ପୂଜାରେ ମନ୍ତ୍ରୀ ସାମିଲ

କୁଚିଣ୍ଡା : କୁଚିଣ୍ଡା ପଞ୍ଚମୁଖୀ ଛକରେ ପ୍ରତିବର୍ଷ ପରି କରମସାନି ପୂଜା ପାଳିତ ହୋଇଯାଇଛି । ଏଥିରେ ପଞ୍ଚାୟତିରାଜ ଓ ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ମାଦଳ ବଜେଇବାସହ ନାଚିଥିଲେ । ସୂଚନାଯୋଗ୍ୟ ଯେ କୁଚିଣ୍ଡା ସହରରେ ଦୀର୍ଘ ବର୍ଷ ଧରି ମନ୍ତ୍ରୀ ଶ୍ରୀ ନାଏକଙ୍କ ପ୍ରୋତ୍ସାହନରେ କରମା



ପୂଜା ହେଉଛି । ଚଳିତବର୍ଷ ମଧ ଏହି ପୂଜା ଧୁମଧାମରେ ପାଳିତ ହୋଇଛି । ଆଦିବାସୀ ପରମ୍ପରା ଅନୁଯାୟୀ କରମସାନୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ପରେ ରାତିତମାମ ମାନ୍ଦଳ, ଝାଞ୍ଜ ଆଦି ବଜାଇ ନାଚି ପୂଜା ହୋଇଥିଲା । ଏକ ଶୋଭାଯାତ୍ରା ସହର ପରିକ୍ରମାରେ ବାହାରି ଖର୍ଲା ନଦୀ ତଟରେ ପରମ୍ପରା ଅନୁଯାଇ ବିସର୍ଜନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ନାଏକ ଯୋଗଦେଇ ଏହି ପରମ୍ପରା ଭାଇଚାରାକୁ ଅଧିକ ମଜବୁତ କରେ ବୋଲି କହିଥିଲେ । ନୀଳାମ୍ବର କାଲୋ ଓ ଭୀମସେନ କାଲୋ ପୂଜକ ଦାୟିତ୍ୱ ତୁଲାଇଥିଲେ ।

# ସମ୍ବଲପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



ସମ୍ବଲପୁର: ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡ଼କ ବର୍ଗୀକରଣ ହିସାବରେ ଦୁର୍ଘଟଣା, ଦୁର୍ଘଟଣାର କାରଣ, ପ୍ରବର୍ତ୍ତନ, ବେଆଇନ ପାର୍କିଂ ଏବଂ ଶିଳ୍ପାଞ୍ଚଳ ନିକଟରେ ଥିବା ରାସ୍ତା ର ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା । ମୌଳିକ ସୁବିଧା ଥିବା ଟ୍ରକ୍ ଟର୍ମିନାଲର ବ୍ୟବସ୍ଥା କରିବା, ଶିଳ୍ପ ସୁରକ୍ଷା ସୁନିଶ୍ଚିତ କରିବା, ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଫୁଟ୍ କ୍ରସିଂ ବ୍ରିଜ୍, ଶିଳ୍ପ ଗେଟ୍ ନିକଟରେ ଆମ୍ବୁଲାନ୍ସ ଓ କଣ୍ଟ୍ରୋଲ ରୁମ୍, ଆଲୋକିତ ବୋର୍ଡ, ଧୂଳି ଯୋଗୁଁ ଦୃଷ୍ଟିଶକ୍ତି ନିୟନ୍ତ୍ରଣ ପାଇଁ ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳର ଇଞ୍ଜିନିୟରିଂ ତ୍ରୁଟିକୁ ଚିହ୍ନଟ କରି ସୁଧାରିବା ପାଇଁ ସମ୍ବଲପୁର ଜିଲ୍ଲାପାଳ ଓ ଏସ୍ ପି ଶିଳ୍ପ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଏସ.ପି ଶ୍ରୀ ମୁକେଶ ଭାମୁ, ସମ୍ବଲପୁର ଆରଟିଓ ଶ୍ରୀ ରାମଦାସ ଟୁଡୁ ଓ ବିଭିନ୍ନ ଶିଳ୍ପର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଜେପିର ସର୍ଲାକାନି ଠାରେ ସଦସ୍ୟତା ଅଭିଯାନ



ସମ୍ବଲପୁର: ସମ୍ବଲପୁର ସହରର ସର୍ଲାକାନି ଠାରେ ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଯୋଗ ଦେଇଥିଲେ । ଅଞ୍ଚଳର ବହୁ ଯୁବକ ଯୁବତୀଙ୍କୁ ଦଳର ସଦସ୍ୟ କରାଇଥିଲେ । ବିଜେପି ଦଳରେ ନୂତନ କରି ୧୦୦ ଜଣକୁ ଯୋଡ଼ିଥିବା ସକ୍ରିୟ ସଭ୍ୟ ସଭ୍ୟାଙ୍କୁ ସାଂସଦ ସାକ୍ଷାତ କରି ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅନିଲ ବେହେରା, ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ସମିର ରଞ୍ଜନ ବାବୁ, ବରିଷ୍ଠ ବିଜେପି ନେତା ଡକ୍ଟର ପ୍ରମୋଦ ରଥ, ରାଧେଶ୍ୟାମ ବାରିକ, ମାନସ ରଞ୍ଜନ ବକ୍ସି, ଫଣୀ ଭୂଷଣ ମିଶ୍ର, ଅରୁଣ କୁମାର ଦାସ, କ୍ରିଷ୍ଣା ମହାକୁଡ଼, ଶିବ ଦିୱାନ, ସୌମିତ୍ର ଜତି, ସନ୍ତୋଷ ଡାଲୁଆ, ଶ୍ୟାମ ଗୁରୁ, ପୁଷ୍ପାଞ୍ଜଲି ଜେନା, ସରୋଜିନୀ ବନଛୋର, ମଞ୍ଜୁଳା ଓରାମ, ଭବାନୀ ଦୁଷର, ରିଙ୍କି ସାହୁ, ଅଞ୍ଜଲି ଛୁରା, ସ୍ନିଗ୍ଧାଶ୍ରୀ ମିଶ୍ର, ଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra